୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.27. No.278 Bhubaneswar Monday December 22 2025 | ୨୭ତମ ବର୍ଷ ସଂଖ୍ୟା-୨୭୮ ଭୁବନେଶ୍ୱର, ସୋମବାର, ଡିସେମ୍ବର ୨୨, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଆଇନରେ ପରିଣତ ହେଲା ଭିବିଜୀ ରାମ ଜୀ ବିଲ୍



ଭୁବନେଶ୍ୱର,(ପି.ଏନ): ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଆଇନରେ ପରିଣତ ହେଲା ବହୁଚର୍ଚ୍ଚିତ ଭିବିଜୀ ରାମ ଜୀ ବିଲ୍ । ଗତ ୧୮ ଓ ୧୯ ତାରିଖରେ ସଂସଦର ଉଭୟ ଗୃହରେ ପାରିତ ହୋଇଥିଲା ଭିବିଜୀ ରାମ ଜୀ ବିଲ୍ ୨୦୨୫ । ଗତ ୨୦ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଲକୁ ଅନୁମୋଦନ ଦେବା ପରେ ଆଜି କେନ୍ଦ୍ର ଆଇନ ମନ୍ତ୍ରାଳୟ ପକ୍ଷରୁ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି । ଗେଜେଟ ବିଜ୍ଞପ୍ତି ପ୍ରକାଶ ପରେ ଆଜିଠାରୁ ଏହି ଆଇନ କାର୍ଯ୍ୟକାରୀ ହୋଇଛି । ବିକଶିତ ଭାରତ ରୋଜଗାର ଗ୍ୟାରେଂଟି ଆଜିବୀକା ମିଶନ ଗ୍ରାମୀଣ ଯୋଜନା କାର୍ଯ୍ୟକାରୀ ହୋଇଛି । ଏହା ସହିତ ପୂର୍ବ ମନରେଗା ଆଇନ ନିରସ୍ତ ହୋଇଛି । ଏଣିକି ଗ୍ରାମାଂଚଳ ଆଜୀବୀକା ମିଶନ ପାଇଁ ଶ୍ରମ ବାବଦରେ ୧୦୦ ଦିନ ବଦଳରେ ୧୨୫ ଦିନ କାମ ମିଳିବ । ନୂଆ ଆଇନରେ ଏ ନେଇ ବ୍ୟବସ୍ଥା କରାଯାଇଛି । ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ରଖି କେନ୍ଦ୍ର ସରକାର ଏହି ଆଇନ ଆଣିଛନ୍ତି । ଗତକାଲି ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି ।

କ'ଣ ରହିଛି ଭିବିଜୀ ରାମ ଜୀ ଆଇନରେ ?

ଏବେ ଆସନ୍ତୁ ଜାଣିବା କ'ଣ ରହିଛି ଭିବିଜୀ ରାମ ଜୀ ଆଇନରେ । ନୂଆ ଆଇନ ବଳରେ ଏଣିକି ବର୍ଷକୁ ମିଳିବ ୧୨୫ ଦିନର କାମ । ବିକଶିତ ପଂଚାୟତ ଯୋଜନା ଲାଗୁ ଦିଗରେ ଏହି ପଦକ୍ଷେପ ନିଆଯାଇଛି । ୯୦:୧୦ ବଦଳରେ କେନ୍ଦ୍ର ରାଜ୍ୟର ଅନୁପାତ ୬୦:୪୦ ରହିବ । ସେହିପରି ଉତର ପୂର୍ବାଂଚଳ ଲାଗି ଅନୁପାତ ୯୦:୧୦ ରହିବ । ଏକ ଆର୍ଥିକ ବର୍ଷରେ ୬୦ ଦିନ ଯାଏଁ କାମ ଲାଗି ରାଜ୍ୟ ବିଜ୍ଞପ୍ତି ଜାରି କରିବ । ସାପ୍ତାହିକ ମଜୁରୀ ପ୍ରଦାନ ବାଧ୍ୟତାମୂଳକ । ଗ୍ରାମୀଣ ପରିବାରକୁ ଆୟଗତ ନିରାପତା ଦେବ ଏହି ଯୋଜନା । କୌଶଳଗତ ଭିତିଭୂମିକୁ ଫୋକସ କରାଯାଇଛି । ପଂଚାୟତର ନିଷ୍ପତି ଅନୁସାରେ ଆଂଚଳିକ ସ୍ତରରେ ଯୋଜନା ହେବ । ଗ୍ରାମୀଣ ଅର୍ଥନୀତିକୁ ସଶକ୍ତୀକରଣ କରିବାକୁ ଏହି ଯୋଜନାର ଲକ୍ଷ୍ୟ ରଖି । ୧୨୫ ଦିନ ନିଶ୍ଚିତ କାମ ଯୋଗୁଁ ୨୫ ପ୍ରତିଶତ ଅଧିକ ଆୟ । କାମ ଯୋଗାଇ ନପାରିଲେ ରାଜ୍ୟଗୁଡ଼ିକ ଦେବେ ଭତା ।

## ଥାନା ଦ୍ୱାରସ୍ଥ ହେଲେ ହ୍ୟୁମାନ ସାଗରଙ୍କ ମାଆ



ଭୁବନେଶ୍ୱର,(ପି.ଏନ): କଟକ ମର୍କତ ନଗର ଥାନାର ଦ୍ୱାରସ୍ଥ ହେଲେ ହ୍ୟୁମାନ ସାଗରଙ୍କ ମାଆ ଶେଫାଳୀ ସୁନା । ଗତକାଲି ବିଳମ୍ବିତ ରାତିରେ କଟକ ମର୍କତନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଶେଫାଳୀ । ଏହାସହ ହ୍ୟୁମାନଙ୍କୁ ଜାଣିଶୁଣି ମାରି ଦିଆଯାଇଛି ବୋଲି କ୍ୟାମେରା ଆଗରେ ଅଭିଯୋଗ ଆଣିଛନ୍ତି । ଥାନାର ଦ୍ୱାରସ୍ଥ ହୋଇ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ସେ ଦାବି କରିଛନ୍ତି । ହ୍ୟୁମାନଙ୍କ ଫୋନ୍ ଡିଟେଲ, କଟକ ସ୍ଥିତ ବାସଭବନର ସିସିଟିଭି ଓ ତାଙ୍କ ସହ ଜଡ଼ିତ ଥିବା ବ୍ୟକ୍ତି ବିଶେଷଙ୍କ ନାଁରେ ଏତଲା ଦାୟର କରିଛନ୍ତି ମାଆ ଶେଫାଳୀ । ହ୍ୟୁମାନଙ୍କ ଅତ୍ୟନ୍ତ ନିକଟତରଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ମଧ ଦାବି କରିଛନ୍ତି । ସେମାନେ ହେଲେ ହ୍ୟୁମାନଙ୍କ ପତ୍ନୀ ଶ୍ରେୟା ମିଶ୍ର ଏବଂ ତାଙ୍କ ପରିବାର । ଚିକିତ୍ସା କରୁଥିବା ଡାକ୍ତର, ବାନ୍ଧବୀ ଅର୍ପିତା ଚୌଧୁରୀ ଓ ତାଙ୍କ ପରିବାର । ମ୍ୟାନେଜର ଦିନେଶ ବେହେରା, ମହମ୍ମଦ ଆବିଦ୍ ଓରଫ ବବଲୁ, ପ୍ରଶାନ୍ତ ବେହେରା, ସୋମେଶ ଶତପଥୀଙ୍କ ସହ ଏକାଧିକ ଲୋକଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି କରିଛନ୍ତି ମାଆ ଶେଫାଳୀ । ଚିକିତ୍ସାରେ ଅବହେଳା ଓ ବଡ଼ ଧରଣର ଆର୍ଥିକ ହେରଫେର ରହିଥିବା ଅଭିଯୋଗ କରିଛନ୍ତି । ଏତଲା ଦେବା ସହ ଏହାର ଏକ ନକଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟକୁ ପଠାଇଛନ୍ତି ।

## ସରକାରଙ୍କ ବିରୋଧରେ ରାଜରାସ୍ତାକୁ ଓହ୍ଲାଇବ କଂଗ୍ରେସ

ଭୁବନେଶ୍ୱର,(ପି.ଏନ): ବିଜୁଳି ଓ ଧାନ ସଂଗ୍ରହକୁ ନେଇ କଂଗ୍ରେସର ପୁଣି ଆନ୍ଦୋଳନ ଡାକରା । ଡିସେମ୍ବର ଶେଷ ସପ୍ତାହରେ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟବ୍ୟାପୀ ଆନ୍ଦୋଳନ ଡାକରା ଦେଇଛି କଂଗ୍ରେସ । ଆସନ୍ତାକାଲିଠାରୁ ଏହି ଆନ୍ଦୋଳନ ଆରମ୍ଭ ହେବ । ଏନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛି କଂଗ୍ରେସ । ସେପଟେ କଂଗ୍ରେସର ଦଳୀୟ କନ୍ଦଳକୁ ଟାର୍ଗେଟ କରି କଟାକ୍ଷ କରିଛି ବିଜେପି । ସରକାରଙ୍କ ବିରୋଧରେ ରାଜରାସ୍ତାକୁ ଓଲ୍ହାଇବ କଂଗ୍ରେସ । ୨୨ ଡିସେମ୍ବର ସୋମବାର ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ନାମ ବଦଳାଇବା, ଯୋଜନାର ରୂପରେଖ ବିକୃତ କରିବା ବିରୋଧରେ ପ୍ରତିବାଦ କରାଯିବ । ସମସ୍ତ ସାଂଗଠନିକ ଜିଲ୍ଲା ମୁଖ୍ୟାଳୟରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତି ଆଗରେ ଧାରଣା ସହ ବିଜେପି ବିରୋଧରେ ବିକ୍ଷୋଭ କରିବ । ଏଥିରେ ଜିଲ୍ଲା କଂଗ୍ରେସ ସଭାପତି, ଦଳୀୟ ନେତୃବୃନ୍ଦ ଓ କର୍ମୀମାନଙ୍କ ସହ ଶୋଭାଯାତ୍ରାରେ ଯାଇ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିବେ । ୨୩ ଡିସେମ୍ବର ମଙ୍ଗଳବାର, ଧାନସଂଗ୍ରହକୁ ନେଇ ବ୍ୟାପକ ଅବ୍ୟବସ୍ଥାରୁ ଚାଷୀକୁଳ ହୀନସ୍ତା ହେଉଛନ୍ତି ।

## ପ୍ରଦୂଷଣ ସାର୍ଟିଫିକେଟ ନ ଥିଲେ ମିଳିବନି ତେଲ



ଭୁବନେଶ୍ୱର,(ପି.ଏନ): ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (PUCC) ନଥିଲେ ପେଟ୍ରୋଲ ପମ୍ପରେ ମିଳିବ ନାହିଁ ତେଲ କି ଗ୍ୟାସ । ପରିବହନ କ୍ଷେତ୍ରରେ ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ତେଲ କମ୍ପାନୀଗୁଡ଼ିକୁ ଚିଠି ଲେଖିଛି ବାଣିଜ୍ୟ ଓ ପରିବହନ ବିଭାଗ । ସରକାରଙ୍କ ଏହି ନିଷ୍ପତିକୁ ସମସ୍ତେ ସ୍ୱାଗତ କରିଥିବା ବେଳେ ଏହାର କାର୍ଯ୍ୟକାରିତାକୁ ନେଇ ଉଠିଛି ପ୍ରଶ୍ନ । ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର କେମିତି ପରଖିବେ ପେଟ୍ରୋଲ ପମ୍ପ ? ପ୍ରମାଣପତ୍ର ନଥିଲେ ତୁରନ୍ତ ଏହା କରି ହେବ କି ? ଭିତିଭୂମି ସେତିକି ସୁଦୃଢ ଅଛି କି ? ଟେକ୍ନୋଲୋଜି ବ୍ୟବହାର କରି ଗାଡି ଚାଳକ ବା ମାଲିକଙ୍କୁ ଆଗୁଆ ଜଣାଇ ହେବ କି ? ଆକ୍ସନ ପୂର୍ବରୁ ସଚେତନତା ଜରୁରୀ ନୁହେଁ କି ? ଏମିତି ଅନେକ ପ୍ରଶ୍ନ ଉଠିଛି ସରକାରଙ୍କ ନୂଆ ନିର୍ଦ୍ଦେଶନାମାକୁ ନେଇ । ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ନ ଥିଲେ ତେଲ, ଗ୍ୟାସ ଦେବେନି ପେଟ୍ରୋଲ ପମ୍ପ କି ଗ୍ୟାସ ଫିଲିଂ ଷ୍ଟେସନ । ସରକାର ଜାରି କରିଛନ୍ତି ନୂଆ ନିର୍ଦ୍ଦେଶନାମା । ଏନେଇ ସମସ୍ତ ତେଲ କମ୍ପାନୀକୁ ଚିଠି ଲେଖିଛି ଷ୍ଟେଟ ଟ୍ରାନ୍ସପୋର୍ଟ ଅଥରିଟି । ପ୍ରଦୂଷଣ ଏବେ ଚିନ୍ତାଜନକ ସ୍ଥିତିରେ ଥିବାରୁ ସରକାର ବଳ କଷୁଛନ୍ତି । ମୋଟର ଯାନ ନିୟମ ଉଲ୍ଲଙ୍ଘନ କରି ପ୍ରଦୂଷଣ ସୃଷ୍ଟି କରୁଥିବା ଯାନ ଉପରେ ଲାଗିବ ଅଙ୍କୁଶ । ଯେଉଁ ମଟର ଯାନର ବୈଧ ପ୍ରଦୂଷଣ ପ୍ରମାଣପତ୍ର ନ ଥିବ, କୌଣସି ପେଟ୍ରୋଲ ପମ୍ପରେ ତେଲ ନଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି । ମଟର ଯାନ ଆଇନ ଅନୁଯାୟୀ ବୈଧ ପ୍ରଦୂଷଣ ପ୍ରମାଣପତ୍ର ରଖିବା ବାଧ୍ୟତାମୂଳକ । ସରକାରଙ୍କ ଏହି ନିର୍ଦ୍ଦେଶନାମା ପେଟ୍ରୋଲ ପମ୍ପରେ କିଭଳି କାର୍ଯ୍ୟକାରୀ ହେବ, ତାକୁ ନେଇ ସୃଷ୍ଟି ହୋଇଛି ଦ୍ୱନ୍ଦ୍ୱ । ଏହାକୁ କିପରି କାର୍ଯ୍ୟକାରୀ କରାଯିବ, ତାକୁ ନେଇ ସୋମବାର ବସିବ ଗୁରୁତ୍ୱପୂର୍ଣ୍ଣ ବୈଠକ । ବିଭାଗୀୟ ଅଧିକାରୀଙ୍କ ସହ ପେଟ୍ରୋଲ ଡିଲର୍ସ ସଂଘ ଓ ତୈଳ କମ୍ପାନୀ ପ୍ରତିନିଧି ଆଲୋଚନା କରିବେ । ରାସ୍ତାରେ ଚାଲୁଥିବା ସମସ୍ତ ପ୍ରକାର ମଟର ଯାନ ନିୟମିତ ବ୍ୟବଧାନରେ ପଞ୍ଜିକୃତ ପ୍ରଦୂଷଣ ପରୀକ୍ଷା କେନ୍ଦ୍ରରେ ପ୍ରଦୂଷଣ ଯାଂଚ କରାଇବାର ନିୟମ ଅଛି । ଗାଡ଼ିରୁ ବାହାରୁଥିବା ଧୂଆଁରେ ବିଭିନ୍ନ ବିଷାକ୍ତ ଉପାଦାନ ନିର୍ଦ୍ଦିଷ୍ଟ ସୀମା ଭିତରେ ରହିବା କଥା । ପ୍ରଦୂଷଣ ପ୍ରମାଣପତ୍ର ଯାଂଚକୁ ଗୁରୁତ୍ୱ ଦେଇ ସମସ୍ତ ଟୋଲଗେଟରେ ଇ-ଡିଟେକ୍ସନ ବ୍ୟବସ୍ଥାରେ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି । ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ମୋଟର ଯାନ ବ୍ୟବହାରକାରୀଙ୍କୁ ନିବେଦନ କରାଯାଇଛି ଯେ, ସର୍ବଦା ଗାଡ଼ିର ବୈଧ ପ୍ରଦୂଷଣ ପ୍ରମାଣପତ୍ର ରଖନ୍ତୁ । ପ୍ରଦୂଷଣ ସୃଷ୍ଟି କରୁଥିବା ଯାନକୁ ବ୍ୟବହାର କରନ୍ତୁ ନାହିଁ । ପରିବେଶ ସୁରକ୍ଷାରେ ସହଭାଗୀ ହୁଅନ୍ତୁ । ପରିବହନ ବିଭାଗର ନିର୍ଦ୍ଦେଶନାମାକୁ ସ୍ୱାଗତ କରାଯାଇଥିବା ବେଳେ ଏହାର କାର୍ଯ୍ୟକାରିତାକୁ ନେଇ ଉଠିଛି ପ୍ରଶ୍ନ । ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ପୂର୍ବରୁ ପର୍ଯ୍ୟାପ୍ତ ଭିତିଭୂମି ଓ ଟେକ୍ନୋଲୋଜି ବ୍ୟବହାର କରାଯିବା ଉଚିତ ବୋଲି ଓଡିଆ ଅସ୍ମିତା ପରିଷଦ କହିଛି । ନୋ ହେଲମେଟ, ନୋ ପେଟ୍ରୋଲ ଅଭିଯାନ କିଛି ଦିନ ଚାଲିବା ପରେ ଏବେ ଠପ୍ । ସାରା ଦେଶରେ ପ୍ରଦୂଷଣ ମାତ୍ରା ବଢି ଚାଲିଥିବାରୁ ଏହାକୁ କମାଇବା ପାଇଁ ନୂଆ ଉପାୟ ବାଛିଛନ୍ତି ସରକାର । ହେଲେ କଟକଣା ଜାରି କରିବା ପୂର୍ବରୁ ପର୍ଯ୍ୟାପ୍ତ ସୁଯୋଗ ଓ ସଚେତନତା ଉପରେ ଗୁରୁତ୍ୱ ଦେବା ଜରୁରୀ । ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା କହିଛନ୍ତି, ଏହି ନିୟମକୁ କଡ଼ାକଡ଼ି ପାଳନ କରାଯିବ । ପଲ୍ୟୁସନ ସାର୍ଟିଫିକେଟ ନଥିଲେ ତେଲ କି ଗ୍ୟାସ ମିଳିବ ନାହିଁ । ପ୍ରଦୂଷଣ ସାର୍ଟିଫିକେଟ ନିହାତି ଦରକାର । ଏୟାର କ୍ୱାଲିଟି ଇଣ୍ଡେକ୍ସରେ ଓଡ଼ିଶା ପ୍ରଦୂଷିତ ହେଲାଣି । ତେଣୁ ଯେଉଁ ଗାଡ଼ିର ପଲ୍ୟୁସନ ସାର୍ଟିଫିକେଟ ନଥିବ ସେହି ଗାଡ଼ିକୁ ପେଟ୍ରୋଲ ପମ୍ପରେ ତେଲ ମିଳିବ ନାହିଁ । ଏଥିପାଇଁ ତେଲ କମ୍ପାନୀଗୁଡ଼ିକୁ ରାଜ୍ୟ ସରକାରଙ୍କ ପରିବହନ କର୍ତୃପକ୍ଷ ଚିଠି ଲେଖିଛନ୍ତି ।






# ପିଲାଙ୍କ ପାଇଁ ଅନିଷ୍ଟକର ସାମାଜିକ ଗଣମାଧ୍ୟମ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

୧୬ବର୍ଷ ବୟସରୁ କମ୍ ପିଲାମାନଙ୍କ ପାଇଁ ସାମାଜିକ ଗଣମାଧ୍ୟମକୁ ନିଷିଦ୍ଧ କରିବାରେ ଅଷ୍ଟ୍ରେଲିଆ ବିଶ୍ୱରେ ପ୍ରଥମ ରାଷ୍ଟ୍ର ହେବାର ଗୌରବ ହାସଲ କରିଛି । ଅଷ୍ଟ୍ରେଲିଆର ଏହି ନିର୍ଣ୍ଣାୟକ ନିଷ୍ପତି ବିଶ୍ୱର ଅନ୍ୟରାଷ୍ଟ୍ରମାନଙ୍କ ପଥ ପ୍ରଦର୍ଶକ ହେବ, ବୋଲି ଆଶା କରାଯାଏ । ସାମ୍ପ୍ରତିକ ସମୟରେ ଶିଶୁଙ୍କ ଠାରୁ ଆରମ୍ଭ କରି ବରିଷ୍ଠଙ୍କ ମଧ୍ୟରେ ସାମାଜିକ ଗଣମାଧ୍ୟମ ଯେପରି ପ୍ରଭାବ ବିସ୍ତାର କରିଛି, ସେଥିରେ ଏହାକୁ ନିଷିଦ୍ଧ କରିବା ନିଶ୍ଚିତ ଭାବେ ଏକ ଜଟିଳ ବ୍ୟପାର ଥିଲା । ସାମାଜିକ ଗଣମାଧ୍ୟମକୁ ୧୬ବର୍ଷରୁ କମ୍ ପିଲାଙ୍କ ବ୍ୟବହାରକୁ ନିଷିଦ୍ଧ କରିବା ଲାଗି ଗତ ବର୍ଷ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିସ୍ ସୂଚନା ପ୍ରଦାନ କରିଥିଲେ । ଅଷ୍ଟ୍ରେଲିଆ ସରକାର ଫେସବୁକ୍, ଇନ୍‌ଷ୍ଟାଗ୍ରାମ, ଟିକ୍‌ଟକ୍, ସ୍ନାପଚାଟ୍, ଥ୍ରେଡ, ଏକ୍ସ, ୟୁଟୁବ୍, ରେଡିଟ୍, ଟ୍ୱିଟ, ପରି ୧୦ଟି ବୃହତ ପ୍ଲାଟଫର୍ମକୁ କିଶୋର କିଶୋରୀ ତଥା ୧୬ବର୍ଷରୁ କମ ପିଲାଙ୍କ ପାଇଁ ନିଷିଦ୍ଧ କରିବା ସହ ଏହାର ଉଲଂଘନକାରୀଙ୍କ ପାଇଁ କଠୋର ଦଣ୍ଡବିଧାନ ବ୍ୟବସ୍ଥା ରଖିଛନ୍ତି । ନିଷେଧାଦେଶ ଉଲଂଘନକାରୀଙ୍କ ପାଇଁ ୪୯.୫ ମିଲିଅନ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ଡଲାର ଜୋରିମାନା ବ୍ୟବସ୍ଥା ରଖିଛନ୍ତି । କହିବାବାହୁଲ୍ୟ ଯେ, ଅଷ୍ଟ୍ରେଲିଆ ସରକାରଙ୍କର ଏଭଳି ବଳିଷ୍ଠ ନିଷ୍ପତି ପ୍ରତି ଉଭୟ ଅଭିଭାବକ ଓ କିଶୋର କିଶୋରୀଙ୍କ ବ୍ୟାପକ ସମର୍ଥନ ମିଳିଥିବା କୁହାଯାଏ । ସେହିପରି ବିଶ୍ୱର ବହୁ ରାଷ୍ଟ୍ର ମଧ୍ୟ ଅଷ୍ଟ୍ରେଲିଆର ପଦକ୍ଷେପରେ ଉତ୍ସାହିତ ହୋଇ ପଦାଙ୍କ ଅନୁସରଣ କରିବା ଆରମ୍ଭ କରିଦେଲେଣି । ୧୫ବର୍ଷ ବୟସରୁ କମ୍ ପିଲାଙ୍କ ପାଇଁ ସାମାଜିକ ଗଣମାଧ୍ୟମକୁ ନିଷିଦ୍ଧ କରିବା ପାଇଁ ଇତିମଧ୍ୟରେ ଡେନମାର୍କ ଯୋଜନା ଘୋଷଣା କରିଥିବାବେଳେ ଆସନ୍ତା ୨୦୨୬ରୁ ଅନୁରୂପ ପଦକ୍ଷେପ ଗ୍ରହଣ କରିବା ପାଇଁ ମାଲେସିଆ ପଦକ୍ଷେପ ଆରମ୍ଭ କରିଛି । ସେହିପରି ନିଉଜଲାଣ୍ଡ ମଧ୍ୟ ଏନେଇ ଦେଶରେ ବିତର୍କ ଆରମ୍ଭ କରିଦେଇଥିବାବେଳେ ୟୁରୋପିଆନ ପାର୍ଲିଆମେଂଟ ମଧ୍ୟ ୧୬ବର୍ଷରୁ କମ୍ ପିଲାମାନଙ୍କ ପାଇଁ ସାମାଜିକ ଗଣମାଧ୍ୟମକୁ ନିଷିଦ୍ଧ କରିବା ନିମନ୍ତେ ଅଭିଭାବକମାନଙ୍କୁ ଅନୁରୋଧ କରିଛି । ଅଭିଭାବକମାନେ ସ୍ୱଷ୍ଟ ଆଭିମୁଖ୍ୟ ରଖିବାକୁ ୟୁରୋପିଆନ ପାର୍ଲିଆମେଂଟ ଆହ୍ୱାନ କରିଛି । ଏହା ନିସନ୍ଦେହ ଯେ, ସାମାଜିକ ଗଣମାଧ୍ୟମରେ ବହୁଳ ବ୍ୟବହାର କେବଳ କିଶୋର-କିଶୋରୀଙ୍କ ପାଇଁ ମନସ୍ତାତ୍ୱିକ କ୍ଷତିକାରକ ହୋଇନାହିଁ, ଏହା ସେମାନଙ୍କ ପାଇଁ ନୈରାଶ୍ୟ, ବିବ୍ରତ ଏବଂ ଭାବାବେଶ ଦୁର୍ଦ୍ଦଶାର କାରଣ ଭାବେ ଉଭା ହୋଇଛି । ସାମାଜିକ ଗଣମାଧ୍ୟମର କବଳରେ ପଡି କିଶୋର-କିଶୋରୀଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଇଁ ମାୟୋ କ୍ଲିନିକ୍‌ର ରିପୋର୍ଟ କହେ । ସେହିପରି ଅଷ୍ଟ୍ରେଲିଆ ସରକାରଙ୍କ ନିଜସ୍ୱ ଅନୁଧ୍ୟାନକାରୀ ରିପୋର୍ଟରେ ୧୦ରୁ ୧୫ବର୍ଷ ବୟସର ପିଲାଙ୍କ କ୍ଷେତ୍ରରେ ପ୍ରତି ୧୦ଜଣଙ୍କ ମଧ୍ୟରେ ୭ଜଣଙ୍କ ପାଇଁ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମଗୁଡିକ ଅତି ମାରାତ୍ମକ ସାବ୍ୟସ୍ତ ହୋଇଛି । ବିଶେଷକରି କିଶୋର-କିଶୋରୀଙ୍କ ମଧ୍ୟରେ ମହିଳା ବିଦ୍ୱେଷ, ସାମଜ ବିରୋଧି କାର୍ଯ୍ୟ, ଖାଦ୍ୟପେୟରେ ଅନିୟମତା, ଆତ୍ମହତ୍ୟ ପ୍ରବଣତା ବୃଦ୍ଧି ପାଇବାରେ ଲାଗିଛି । ଆହୁରି ମଧ୍ୟ ଅଷ୍ଟ୍ରେଲିଆର ସେଫ୍ଟି ରେଗୁଲେଟର ଇସେଫ୍ଟି ସର୍ଭେ ରିପୋର୍ଟରେ ସାମାଜିକ ଗଣମାଧ୍ୟମର ଅପକାରୀତା ସମ୍ପର୍କରେ ଯାହା କୁହାଯାଇଛି ତାହା ମଧ୍ୟ ଅତ୍ୟନ୍ତ ଚିନ୍ତାଜନକ । ରିପୋର୍ଟରେ କୁହାଯାଇଛି ଯେ, ୭୪ ପ୍ରତିଶତ ପିଲା କ୍ଷତିକାରକ ବିଷୟବସ୍ତୁ ଦେଖୁଥିବାବେଳେ ୬୦ପ୍ରତିଶତ ଅନଲାଇନ ଘୃଣା, ୫୩ପ୍ରତିଶତ ଅନଲାଇନ ଉତ୍ପିଡନ(ସାଇବରବୁଲିଂ) ପ୍ରତି ଆସକ୍ତ ହୋଇଥିବାବେଳେ ୨୫ପ୍ରତିଶତ ପିଲା ବିନା ସସହମତିରେ ଟ୍ରାକିଂ, ମନିଟରିଂ, ନିର୍ଯ୍ୟାତନା, ଅନଲାଇନ ଉତ୍ପୀଡନ, ଯୌନ ଶୋଷଣ ଏବଂ ଧାରାବହିକ ହିଂସାତ୍ମକ କାର୍ଯ୍ୟରେ ଲିପ୍ତ ଅଛନ୍ତି । ଯାହା ସେମାନଙ୍କୁ ବିବ୍ରତ, ନୈରାଶ୍ୟ, ସ୍ୱଳ୍ପ ନିଦ୍ରା ଏବଂ ମନ୍ଦ ଅଭ୍ୟାସ ପ୍ରତି ସେମାନଙ୍କ ଆସକ୍ତି ବଢିବାରେ ଲାଗିଛି । ଆମଦେଶରେ ଯୁବପିଢିଙ୍କ ମଧ୍ୟରେ ସୋସିଆଲ ମିଡିଆର ବ୍ୟବହାର ମଧ୍ୟ କିଛି ନୁହେଁ । ଭାରତରେ ୧ବିଲିଅନରୁ ଅଧିକ ଇଂଟରନେଟ ବ୍ୟବହାରକାରୀ ଥିବାବେଳେ ମୋଟ ଜନସଂଖ୍ୟାର ଏକ ତୃତୀୟାଂଶ ଅର୍ଥାତ ୩୯କୋଟି ହେଉଛନ୍ତି ୧୬ବର୍ଷରୁ କମ୍ । ସେମାନଙ୍କୁ ସାମାଜିକ ଗଣମାଧ୍ୟମକୁ ସୁରକ୍ଷିତ ରଖିବା ଲାଗି ଭାରତ ଅଷ୍ଟ୍ରେଲିଆ ମଡେଲ ପ୍ରତି ଧ୍ୟାନ ଦେବା ଜରୁରୀ । ଏହା ନିସନ୍ଦେହ ଯେ, ବର୍ତ୍ତମାନର ପିଲାମାନଙ୍କର ବୈଷୟିକ ବିଦ୍ୟା ଉପରେ ନିର୍ଭରଶୀଳତା ବଢିବାରେ ଲାଗିଥିବାବେଳେ ସେମାନଙ୍କ ଜ୍ଞାନ ମଧ୍ୟ ବଢିବାରେ ଲାଗିଛି । ସାମାଜିକ ଗଣମାଧ୍ୟମର କେତେକ ପ୍ଲାଟଫର୍ମ ନିଷିଦ୍ଧ ହୋଇଥିବାବେଳେ ସେମାନେ ଭର୍ଚୁଆଲ ପ୍ରାଇଭେଟ ନେଟୱାର୍କ(ଭିପିଏନ) ଯିଏକି ବ୍ୟବହାରକାରୀର ତଥ୍ୟ ଗୋପନୀୟ ରଖିଥାଏ ତାର ସହାୟତା ନେବା କିଛି ଅସମ୍ଭବ ନୁହେଁ ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ*

# ‘ଗ୍ୟାରେଂଟି’ ଦେବା ପିଲା ଖେଳ ନୁହେଁ


ଯୁଧିଷ୍ଠିର ମହାରଣା

ନିର୍ବାଚନ ପରିବେଶ ଯେତେବେଳେ ସରଗରମ ହୁଏ ସେ ସମୟରେ ‘ଗ୍ୟାରେଂଟି’ ଶବ୍ଦ ଭାରି ଜନପ୍ରିୟ ହୋଇଯାଏ । ଜନତାଙ୍କୁ ଶତପ୍ରତିଶତ ଭରସା ଓ ଆଶ୍ୱାସନା ଦେବାକୁ ଯାଇ ନେତାମାନେ ଭାଷଣ ଓ ପ୍ରଚାର ପତ୍ରରେ ଏହି ଶବ୍ଦକୁ ବ୍ୟବହାର କରିବାକୁ ଭୁଲୁନାହାନ୍ତି । ବ୍ୟାଙ୍କିଙ୍ଗ ଏବଂ ଆର୍ଥିକ କାରବାର କ୍ଷେତ୍ରରେ ଏହି ଶବ୍ଦଟିକୁ କିନ୍ତୁ ବେଶ ତାତ୍ପର୍ଯ୍ୟପୂର୍ଣ୍ଣ । କେହି ଋଣଗ୍ରହୀତାଙ୍କ ପାଇଁ ଆପଣ ଯଦି ଗ୍ୟାରେଂଟି ଦିଅନ୍ତି, ତେବେ ଋଣ ପରିଶୋଧ ପାଇଁ ଆପଣଙ୍କର ଦାୟିତ୍ୱ ଆଇନ ଦୃଷ୍ଟିରୁ ଅଲଂଘ୍ୟ । ଏହାକୁ ଏଡ଼ାଇବା ଅସମ୍ଭବ । ସାଧାରଣ ଭାଷାରେ ଗ୍ୟାରେଂଟର କହିଲେ ଆମେ ଏମିତି ଜଣଙ୍କୁ ବୁଝୁ ଯିଏ ଋଣଗ୍ରହୀତା ପରିଶୋଧ ନ କଲେ ଋଣ ପରିଶୋଧ କରିଥାଏ । ଆଇନ ଦୃଷ୍ଟିରେ ମଧ୍ୟ ଗ୍ୟାରେଟରଙ୍କ ପରିଶୋଧ ଦାୟିତ୍ୱ ଋଣଗ୍ରହୀତାଙ୍କ ସହ ସମାନ୍ତର ଭାବେ ଗତିଶୀଳ । ଯଦିଓ ବ୍ୟାଙ୍କ ପ୍ରଥମେ ଋଣଗ୍ରହୀତାଙ୍କ ଠାରୁ ହିଁ ଋଣ ଆଦାୟ କରିବେ, ତେବେ ସେ ଚାହିଁଲେ ଏକକାଳୀନ ଋଣଗ୍ରହୀତା ଓ ଗ୍ୟାରେଂଟରଙ୍କ ବିରୁଦ୍ଧରେ ମୋକଦ୍ଦମା ଚଳାଇ ପାରିବେ । ଏଣୁ କୌଣସି ଋଣ ପାଇଁ ଗ୍ୟାରେଂଟି ଦେବାକୁ ଯାଉଥିଲେ ନିମ୍ନଲିଖିତ କଥା ଗୁଡ଼ିକ ଉପରେ ଧ୍ୟାନ ଦେବା ଅତ୍ୟନ୍ତ ଜରୁରୀ । ଗ୍ୟାଂଟେର ଋଣଗ୍ରହୀତାଙ୍କୁ ତଥା ତାଙ୍କର ପରିଶୋଧ କରିବା ସାମର୍ଥ୍ୟ ଓ ମନୋବୃତ୍ତିକୁ ଭଲ ଭାବରେ ଜାଣିଥିବା ଉଚିତ । ତେଣୁ ନିଜ ପରିବାରର ସଦସ୍ୟ କିମ୍ବା ଘନିଷ୍ଠ ବନ୍ଧୁ / ସମ୍ପର୍କୀୟଙ୍କ ଛଡ଼ା ଅନ୍ୟ କାହାର ଋଣ ପାଇଁ ଗ୍ୟାରେଂଟି ଦେବାକୁ ଯାଉଥିଲେ ସତର୍କ ରହିବା ଆବଶ୍ୟକ । ଋଣଗ୍ରହୀତା ଋଣ ପରିଶୋଧ ନ କଲେ ପରିଶୋଧ ଦାୟିତ୍ୱ ଗ୍ୟାରେଂଟରଙ୍କ ଉପରେ ଆସେ । ଏଣୁ ଋଣର ପରିମାଣ ଓ ନିଜ ପରିଶୋଧ ଶକ୍ତି ଦେଖି ଗ୍ୟାରେଂଟି ଦେବା ଉଚିତ । ଗ୍ୟାରେଂଟି ଚୁକ୍ତିନାମାରେ ଦସ୍ତଖତ କରିବା ପୂର୍ବରୁ ତାହାକୁ ଭଲ ଭାବରେ ପଢ଼ି ଋଣର ସମସ୍ତ ସର୍ତ୍ତ ଓ ଗ୍ୟାରେଂଟରଙ୍କ ଦାୟିତ୍ୱଗୁଡ଼ିକ ବୁଝିନେବା ଉଚିତ । କେବଳ ଗ୍ୟାରେଂଟି ଦେଇ ଦେଲେ ଗ୍ୟାରେଂଟିଦାତାଙ୍କ କ୍ରେଡିଟ ସ୍କୋର ଉପରେ ପ୍ରଭାବ ପଡ଼େନାହିଁ । ମାତ୍ର ଋଣ କିସ୍ତି ପୈଠ ଖିଲା ହେଲେ ଗ୍ୟାରେଂଟରଙ୍କ କ୍ରେଡିଟ ସ୍କୋର ଉପରେ ଖରାପ ପ୍ରଭାବ ପଡ଼େ ଏବଂ ସେ ନିଜେ ନୂଆ ଋଣ ଉଠାଇବା ବେଳେ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଗ୍ୟାରେଂଟରଙ୍କ ଦାୟିତ୍ୱ ସହ କିଛି ଆଇନଗତ ଅଧିକାର ମଧ୍ୟ ରହିଛି । ଯେମିତିକି ଋଣ ଓ ଋଣ ପରିଶୋଧ ସ୍ଥିତି ସମ୍ପର୍କରେ ସମ୍ପୂର୍ଣ୍ଣ ଜାଣିବାର ଅଧିକାର, ଋଣର ସର୍ତ୍ତ ଆଦିରେ ପରିବର୍ତନ ପାଇଁ ବ୍ୟାଙ୍କ ସହ ଆଲୋଚନା ଓ ବୁଝାମଣାର ଅଧିକାର ଇତ୍ୟାଦି । ସରକାରଙ୍କ ଏହି ନିର୍ବାଚନୀ ଗ୍ୟାରେଂଟି ଦେଶର ରାଜକୋଷ ଉପରେ ଗଭୀର ପ୍ରଭାବ ପକାଇଥାଏ । ଏହା ଅର୍ଥନୀତି ପାଇଁ ମଧ୍ୟ ଶୁଭଙ୍କର ନୁହେଁ କିନ୍ତୁ ଭାରତୀୟ ରାଜନୀତିରେ ଏହି ତଥାକଥିତ ଗ୍ୟାରେଂଟି ଏବେ ବି ଚାଲିଛି ଆଉ ଲୋକମାନେ ନିଜେ ଗ୍ୟାରେଂଟିର ଉପଭୋକ୍ତା ସତରେ ହୋଇପାରୁଛନ୍ତି କି ନାହିଁ ତାହାସେମାନେ ଭଲ ଭାବେ ନିର୍ବାଚନ ପରବର୍ତୀ ସମୟରେ ଜାଣିପାରୁଛନ୍ତି ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,

# ଶ୍ରବଣ ଶକ୍ତି ଜନିତ ସମସ୍ୟା ଓ ଏହାର ସମାଧାନ


ନାରାୟଣ ଚନ୍ଦ୍ର ବିଶ୍ୱାଳ

ବିଭିନ୍ନ ଶବ୍ଦକୁ ଶୁଣିବା ପାଇଁ ଆମର ଶ୍ରବଣ ଶକ୍ତି ଥାଏ । ଯଦି ଦୈବାତ୍ ଆମର ଶ୍ରବଣ ଶକ୍ତି ନଷ୍ଟ ହୋଇଯାଏ ତେବେ ଆମକୁ ପୃଥିବୀ ସ୍ତବ୍ଧ ହୋଇଗଲା ପରି ଲାଗେ । ଆମେ ଆଉ ଶୁଣିପାରୁନା ଶୃତି ମଧୁର ସଂଗୀତ, ନିଜ ଲୋକ ମାନଙ୍କର ଆଳାପ ଆଲୋଚନା ତଥା ଏହିପରି କେତେ କ’ଣ । ଶ୍ରବଣ ଶକ୍ତି ହରାଇଥିବା ବ୍ୟକ୍ତି ହୋଇ ମାନବ ସମାଜ ଠାରୁ ଭିନ୍ନ, ସେ ଆଉ ଜଣେ ସାଧାରଣ ମଣିଷ ହୋଇ ରହେନାହିଁ, ହୋଇଯାଏ ଶରୀରିକ ବିକଳାଙ୍ଗ ।

ଶ୍ରବଣେନ୍ଦ୍ରିୟ ଆମ ଶରୀରର ଏକ ଅତି ସୂକ୍ଷ୍ମ ଏବଂ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯାହାଦ୍ୱାରା ଆମେ ଶୁଣିବା ସହ ମୁଣ୍ଡର ସ୍ଥିରତା ବଜାୟ ରଖିଥାଏ । ଶୁଣିବା ଏବଂ କଥା କହିବା ଅଙ୍ଗାଙ୍ଗିଭାବେ ମଧ୍ୟ ଜଡ଼ିତ । ପିଲାବେଳରୁ ସାଧାରଣତଃ ୫୦%ରୁ ଉର୍ଦ୍ଧ୍ୱ ସ୍ନାୟୁଗତ ଶ୍ରବଣ ହାନି ଥିଲେ ପିଲା କଥା କହିବା ଶିଖିପାରେ ନାହିଁ । ତା’ଠାରୁ କମ ଶ୍ରବଣ ହାନି ଥିଲେ ମଧ୍ୟ ପିଲା ଡ଼େରିରେ କହିବା ସହ ପାଟି ଲଗାଇ କହେ । ଏହାଛଡ଼ା ଯେ କୌଣସି ପ୍ରକାରର ଏବଂ ଯେ କୌଣସି ମାତ୍ରାର ଶ୍ରବଣ ହାନି ହେଲେ ମଧ୍ୟ ପିଲା ବେଳେ ଏହା ଶିଶୁର ମସ୍ତିଷ୍କ ପ୍ରଗତିରେ ବ୍ୟାଘାତ ଘଟାଇଥାଏ । ସ୍କୁଲ ପଢ଼ା ପଢ଼ିରେ ମଧ୍ୟ ବ୍ୟାଘାତ ଘଟେ । ବୟସ୍କ ମାନଙ୍କର ଶ୍ରବଣ ହାନି ହେଲେ ମଧ୍ୟ ଉଚ୍ଚାରଣଗତ ସମସ୍ୟା ହେବା ସଙ୍ଗେ ସଙ୍ଗେ ଡିମେନସିଆ ଭଳି ସ୍ନାୟୁଗତ ସମସ୍ୟା ଦେଖାଦେଇଥାଏ । କାନ ସମସ୍ୟା ହେଲେ ଶୁଣିବା ଅସୁବିଧା ହେବା ସଙ୍ଗେ ସଙ୍ଗେ ସ୍ଥଳ ବିଶେଷରେ କାନରେ ଅସ୍ୱାଭାବିକ ଶବ୍ଦ ହେବା, ମୁଣ୍ଡ ବୁଲାଇବା, କାନ କୁଣ୍ଡାଇ ହେବା, କାନ ବିନ୍ଧିବା, ବାନ୍ତି ଲାଗିବା ଅଥବା ବାନ୍ତି ହେବା, କାନ ଗରମ ଲାଗିବା ଭଳି ଲକ୍ଷଣମାନ ଦେଖାଦିଏ । ବିଭିନ୍ନ କାରଣରୁ ବିଭିନ୍ନ ପ୍ରକାରର ଶ୍ରବଣ ହାନି ପ୍ରକଟିତ ହୋଇଥାଏ ।

ଶ୍ରବଣ ଶକ୍ତି ହ୍ରାସର ଲକ୍ଷଣ : ଶ୍ରବଣ ଶକ୍ତି ନଷ୍ଟ ହେବାର ଲକ୍ଷଣ ମାନଙ୍କ ମଧ୍ୟରେ ଉଭୟ କାନ କିମ୍ବା ଗୋଟିଏ କାନରେ ଯନ୍ତ୍ରଣା ଅନୁଭୂତ ହେବା । କାନ ବଧିରା ଲାଗିବା, କାନରେ ରିଂ ରିଂ ଶବ୍ଦ ହେବା । ଉଭୟ କାନ କିମ୍ବା ଗୋଟିଏ କାନରେ ଚାପ ଅନୁଭୂତ ହେବା କିମ୍ବା କାନ ଭର୍ତି ହୋଇଯିବା ଭଳି ଲାଗିବା । ଉପରୋକ୍ତ ଲକ୍ଷଣ ମାନ ଦେଖାଦେଲେ ଜଣାଯାଏ ଯେ କାନର ଶ୍ରବଣ ଶକ୍ତି ନଷ୍ଟ ହୋଇଛି । ଶ୍ରବଣ ଶକ୍ତି ନଷ୍ଟ ହେବାଦ୍ୱାରା ଆପଣ ନିଜ ପରିବାର ଏବଂ ସମାଜ ଠାରୁ ଏକ ପ୍ରକାର ଦୂରେଇ ଯାଆନ୍ତି । କାରଣ ଆପଣଙ୍କୁ କିଛି ନଶୁଭିବା ଯୋଗୁଁ ଆପଣଙ୍କ ସହିତ କେହି ବେଶୀ କଥାବାର୍ତା କରିବାକୁ ପସନ୍ଦ କରନ୍ତି ନାହିଁ । କେବଳ ଠାର ମାଧ୍ୟମରେ ଯାହା କିଛି ଭାବର ଆଦାନ ପ୍ରଦାନ କରାଯାଇଥାଏ । ଶ୍ରବଣ ଶକ୍ତି ହ୍ରାସ ଦ୍ୱାରା ମଧ୍ୟ ମଣିଷର ମନୋବଳ ଦୁର୍ବଳ ହୋଇଯାଇଥାଏ ଏବଂ ସେ ନିଜକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରିଥାଏ, କାରଣ କୌଣସି ବିଷୟରେ ଶୁଣିବା ଏବଂ କିଛି ମତାମତ ଦେବାରେ ଭୁଲ ହେବାର ଯଥେଷ୍ଟ ସମ୍ଭାବନା ରହିଥାଏ ।

ଚିକିତ୍ସା : ଶ୍ରବଣ ଶକ୍ତି ନଷ୍ଟ ହେବାର ସମ୍ଭାବନା ଦେଖାଦେଲେ ଇଏନଟି ବିଶେଷଜ୍ଞ ଡାକ୍ତର ଏକ ଅଡ଼ିଓଗ୍ରାମ ଟେଷ୍ଟ କରିବା ପାଇଁ ପରାମର୍ଶ ଦେଇଥାନ୍ତି । ଏହାଦ୍ୱାରା ଡାକ୍ତର ଶ୍ରବଣଶକ୍ତିର ଡେସିବଲ (ଶ୍ରବଣ ଶକ୍ତି ମାପର ଏକକ) ଡିଗ୍ରୀ ଅନୁସାରେ ଚିକିତ୍ସା କରିଥାନ୍ତି । ଶ୍ରବଣଶକ୍ତି ହ୍ରାସ ହୋଇଥିବା ବ୍ୟକ୍ତିମାନେ କେବଳ ଉଚ୍ଚତର ଶବ୍ଦ ତରଙ୍ଗକୁ ଶୁଣି ପାରିଥାନ୍ତି କିନ୍ତୁ ସାଧାରଣ ଶବ୍ଦକୁ ଶୁଣି ପାରିନଥାନ୍ତି । ସାଧାରଣ ମଣିଷ ୦-୨୦ ଡେସିବଲ ଡିଗ୍ରୀର ଶବ୍ଦ ତରଙ୍ଗ ଶୁଣିପାରିଥାନ୍ତି । ମଣିଷର ନିଶ୍ୱାସ ପ୍ରଶ୍ୱାସର ଶବ୍ଦ ୧୦ ଡେସିବଲ ହୋଇଥାଏ । ଏହାଠାରୁ ଆହୁରି କ୍ଷୀଣ ଶବ୍ଦ ମଧ୍ୟ ଶୁଣିପାରେ । କିନ୍ତୁ ଶ୍ରବଣଶକ୍ତି ହରାଉଥିବା ବ୍ୟକ୍ତିମାନେ ଅତିକମ୍‌ରେ ୪୧-୫୫ ଡେସିବଲ ଡିଗ୍ରୀର ଶବ୍ଦ ତରଙ୍ଗକୁ ଶୁଣିବାରେ ସକ୍ଷମ ହୁଅନ୍ତି ଏହା ଠାରୁ କମ୍ ଡେସିବଲ ଶବ୍ଦ ସେମାନେ ଶୁଣି ପାରନ୍ତି ନାହିଁ । ସେହିପରି ଅତ୍ୟଧିକ ଶ୍ରବଣଶକ୍ତି ହ୍ରାସ ହୋଇଥିବା ବ୍ୟକ୍ତିମାନେ ୭୧-୯୦ ଡେସିବଲ ଶବ୍ଦ ଶୁଣିପାରନ୍ତି ଯାହାକି ଏକ ସାଧାରଣ ମଣିଷ ପାଇଁ ଶୃତିକଟୂ ହୋଇଥାଏ ।

ଶ୍ରବଣ ହୀନତାର ଶ୍ରେଣୀ ବିଭାଗ : ଶ୍ରବଣ ହୀନତାକୁ ବିଶେଷ କରି ତିନି ଭାଗରେ ବିଭକ୍ତ କରାଯାଇଥାଏ ।

କଣ୍ଡକ୍ଟିଭ ହିୟରିଂ ଲସ୍ : କର୍ଣ୍ଣ ନଳୀରେ କୌଣସି ଅସୁବିଧା ଦେଖାଦେଲେ ଏହି ପ୍ରକାରର ଶ୍ରବଣ ହୀନତା ସୃଷ୍ଟି ହୋଇଥାଏ । ଏହା ବ୍ୟତୀତ କର୍ଣ୍ଣ, ପଟହ, କିମ୍ବା ମଧ୍ୟ କର୍ଣ୍ଣରେ କୌଣସି ଅସୁବିଧା ଥିଲେ ଏହି ଧରଣର ଅସୁବିଧା ଦେଖାଯାଏ । ଯଦି କାନରେ ସଂକ୍ରମଣ ହୋଇଥାଏ, ଟ୍ୟୁମର ହୋଇଥାଏ କିମ୍ବା କାନରେ କୌଣସି ପ୍ରକାର ତରଳ ପଦାର୍ଥ ଯେପରିକି ତେଲ କିମ୍ବା କାନରେ ମଇଳା ଅଧିକ ହୋଇଯାଇଥିଲେ ଏହି ପ୍ରକାରର ଶ୍ରବଣ ହୀନତା ଦେଖାଦେଇଥାଏ । ତେବେ ଏହି ପ୍ରକାରର ଶ୍ରବଣ ହୀନତା ସେତେ ବେଶୀ ଗୁରୁତର ନୁହେଁ । ସାମାନ୍ୟ ଚିକିତ୍ସା ମାଧ୍ୟମରେ ଆପଣ ପୁଣି ପୂର୍ବ ଭଳି ଆପଣଙ୍କ ଶ୍ରବଣ ଶକ୍ତି ଫେରିପାଇବେ ।

ସେନ୍ସରୀନ୍ୟୁରାଲ ହିୟରିଂ ଲସ୍ : ଅନ୍ତକର୍ଣ୍ଣରେ ଥିବା କୋଷ ଗୁଡ଼ିକ ନଷ୍ଟ ହେବା ଫଳରେ ଏହି ପ୍ରକାରର ଶ୍ରବଣ ହୀନତା ଦେଖାଦେଇଥାଏ । ଏହା ବ୍ୟତୀତ ଅଷ୍ଟମ ସ୍ନାୟୁ ଯଦି କ୍ଷତିଗ୍ରସ୍ତ ହୁଏ ତେବେ ଏହି ପ୍ରକାରର ଶ୍ରବଣ ହାନୀ ଘଟିଥାଏ । ସାଧାରଣତଃ ବୟସ ବଢ଼ିବା ସମୟରେ ନର୍ଭ ସିଷ୍ଟମର ପରିବର୍ତନ ଯୋଗୁଁ ଏପରି ଅସୁବିଧା ଦେଖାଦେଇଥାଏ ।

ମିକ୍ସଡ଼୍ ହିୟରିଂ ଲସ୍ : ପୂର୍ବୋକ୍ତ ଦୁଇଟି କାରଣକୁ ନେଇ ଏହି ଧରଣର ଶ୍ରବଣ ହୀନତା ସୃଷ୍ଟି ହୋଇଥାଏ । ଏହା ଅର୍ଥ କର୍ଣ୍ଣର ବର୍ହିପାର୍ଶ୍ୱ, ମଧ୍ୟ କର୍ଣ୍ଣ, ଅନ୍ତକର୍ଣ୍ଣରେ କିମ୍ବା ଅଡ଼ିଟରୀ ନର୍ଭରେ କୌଣସି ଅସୁବିଧା ଦେଖାଦେଲେ ଏହି ଧରଣର ଶ୍ରବଣ ହୀନତା ସୃଷ୍ଟି ହୋଇଥାଏ । ଗୋଟିଏ କାନ କିମ୍ବା ଦୁଇଟି ଯାକ କାନରେ ଶ୍ରବଣ ହୀନତା ଦେଖାଯାଇପାରେ । ଏହା ହଠାତ୍ ଆରମ୍ଭ ହୋଇଥାଏ ଏବଂ ଧୀରେ ଧୀରେ ବଢ଼ିବାରେ ଲାଗେ । ଯଦି ଏପରି ହୁଏ ତେବେ ଆପଣ ତୁରନ୍ତ ଜଣେ ଇଏନ୍‌ଟି ଡାକ୍ତରଙ୍କ ସହିତ ପରାମର୍ଶ କରିବା ଆବଶ୍ୟକ ।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଏକ ହିସାବ ଅନୁଯାୟୀ ବିଶ୍ୱରେ ପ୍ରାୟ ୩୬କୋଟି ଲୋକ ଶ୍ରବଣହାନୀରେ ପୀଡିତ । ଯାହା ଏକ ପ୍ରକାର ବିକଳାଙ୍ଗତା ସୃଷ୍ଟି କରିଥାଏ । ପ୍ରାୟ ୧୦୦ କୋଟିରୁ ଅଧିକ ୧୨ରୁ ୩୫ ବର୍ଷୀୟ ଯୁବକ ଯୁବତୀ ମଧ୍ୟ ବିଭିନ୍ନ ଜାତିର ତୀବ୍ର ଶବ୍ଦ ଏବଂ ମୋବାଇଲ ଭଳି ରେଡ଼ିଏସନର ପ୍ରଭାବରେ ଅଳ୍ପ ବହୁତ ପ୍ରଭାବିତ ହୋଇଥାନ୍ତି । ତେଣୁ ଏଥିରୁ ବୁଝିବାକୁ ହେବ ଯେ ସମଗ୍ର ଜନସଂଖ୍ୟାର ପ୍ରାୟ ଶତକଡ଼ା ୬ ଭାଗ ଲୋକ ବଧୀରତାର ଶିକାର ହୋଇଥାନ୍ତି । ଏହି ଅବସରରେ ସାଧାରଣ ନାଗରିକଟିଏ ଯାବତ ଜୀବନ ଶୁଣିବା ପାଇଁ କାନର କିଛି ଅସୁବିଧା ଥାଉ ବା ନଥାଉ ଶ୍ରବଣ ପରୀକ୍ଷା ବା ଅଡ଼ିଓ ମେଟ୍ରିକ କରାଇନେବା ଉଚିତ । ଏଥିପାଇଁ ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ତରଫରୁ ଏହି ଦିନ ମାଗଣା ଶ୍ରବଣ ପରୀକ୍ଷାମାନ କରାଯାଉଛି । ଏଠାରେ କହିରଖିବା ଉଚିତ ଯେ କାନର କେତେକ ବିଶେଷ ଲକ୍ଷଣ ଥିଲେ ଜଣେ ନିଶ୍ଚିନ୍ତ ଭାବରେ ଶ୍ରବଣ ପରୀକ୍ଷା କରାଇନେବା ବାଞ୍ଛନୀୟ ।

*ବାକ୍‌ଶ୍ରବଣ ବିଶେଷଜ୍ଞ, ‘ଧ୍ୱନୀ’*
*କାଠଗୋଲା ରୋଡ଼, କଟକ,*
*ଦୂରଭାଷ : ୯୪୩୮୨୭୬୭୬୦*

# ମହାପ୍ରଭୁଙ୍କ ଶୀତବସ୍ତ୍ର ଓ ଶୀତ ସହ ସର୍ତ


ପୁଷ୍ପମିତ୍ର ମହାପାତ୍ର

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଲୋକ ଦେବତା । ତାଙ୍କ ଦୈନିକ ନୀତିକାନ୍ତି, ପୂଜା ପଦ୍ଧତି ଠାରୁ ମହାପ୍ରସାଦ, ବିଶ୍ରାମ, ପୋଷାକ ପରିପାଟୀ ସବୁ ଠିକ ମାନବୀୟ ବ୍ୟବସ୍ଥା ପରି । ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଆମେ ଏଯାବତ୍ ଜାଣି ଆସିଥିବା ପରମ୍ପରା ଓ ଲୋକ ବିଶ୍ୱାସ ଅନୁଯାୟୀ ମହାପ୍ରଭୁ ଶୀତୁଆ ମାର୍ଗଶୀର ମାସରେ ତାଙ୍କ ନୀତିକାନ୍ତି ବ୍ୟବସ୍ଥା ଅନୁଯାୟୀ ଶୀତବସ୍ତ୍ର ପରିଧାନ ବେଳେ ଶୀତ ସହ ସର୍ତ ରଖିଥାନ୍ତି ଯେ ସଂସାରରେ ଯେପରି ସେ ଲୋକଙ୍କୁ ଅଧିକ କଷ୍ଟ ଦେବ ନାହିଁ । ବାସ୍ତବିକ ମହାପ୍ରଭୁଙ୍କ ଆମ ମାନଙ୍କ ପ୍ରତି କେତେ ଯେ ଭଲପାଇବା ଓ କରୁଣା ତଥା କୃପା ବାସ ଏତିକିରୁ ଯଥେଷ୍ଟ । ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଯେଉଁ ବସ୍ତ୍ର ପରିଧାନ ବ୍ୟବସ୍ଥା ରହିଛି ତା’ଭିତରେ ରହିଛି ଯେତିକି ପବିତ୍ରତା ସେତିକି ବିଚିତ୍ରତା କିନ୍ତୁ ଏହି ବସ୍ତ୍ରର ସମ୍ଭାର ଗୁଡ଼ିକ ଅତ୍ୟନ୍ତ ବୈଶିଷ୍ଟ୍ୟପୂର୍ଣ୍ଣ । ମହାପ୍ରଭୁଙ୍କର ପ୍ରଥମ ବେଶ ହୋଇଥାଏ ମଙ୍ଗଳ ଆଳତୀ ପରେ । ଶ୍ରୀଜୀଉଙ୍କ ରାତିର ବଡ଼ ସିଂହାର ବେଶ ଉଲାଗି ହୋଇଥାଏ ଏବଂ ଠିକ ଆମ ମାନଙ୍କ ସକାଳର ଦୈନିକ ମୁହଁଧୁଆ, ଦାନ୍ତଘଷା ଆଦି କର୍ମ ପରେ ତାଙ୍କର ପ୍ରଥମ ବେଶଟି ହେଉଛି ତଡ଼ପ ଉତରୀ ବେଶ । ସ୍ୱତ୍ୱଲିପିରେ ତଡ଼ପର ଅର୍ଥ ଶ୍ରୀମନ୍ଦିରର ଭାଷା ବ୍ୟବସ୍ଥାରେ ଗାମୁଛାକୁ ବୁଝାଏ ଆଉ ଆମେ ବ୍ୟବହାର କରୁଥିବା ଚାଦର ପରି ଅଙ୍ଗବସ୍ତ୍ର ହେଉଛି ମହାପ୍ରଭୁଙ୍କ ଉତରୀ । ବାସ୍ତବିକ ଟିକିଏ ନିରିଖେଇ ଦେଖିଲେ ଜଣାପଡ଼େ ଯେ ଆମ୍ଭ ମାନଙ୍କ ଜୀବନ ଚଳଣିରେ ଯେପରି ବେଶ ବ୍ୟବସ୍ଥା ସବୁ ରହିଛି ମହାପ୍ରଭୁଙ୍କର ମଧ୍ୟ ଠିକ ସେହିପରି । ଦିନର ବିଭିନ୍ନ ସମୟରେ ପାଟବସ୍ତ୍ର ସହିତ ବିଭିନ୍ନ ପୁଷ୍ପ ଅଳଙ୍କାରରେ ଭୂଷିତ ହୋଇ ଅଗଣିତ ଭକ୍ତଜନଙ୍କୁ ଦର୍ଶନ ଦେଇଥାନ୍ତି । ମହାପ୍ରଭୁଙ୍କ ପାଟବସ୍ତ୍ର ହେଉଛି ପବିତ୍ର ଗୀତଗୋବିନ୍ଦ ଖଣ୍ଡୁଆ ।

ମହାପ୍ରଭୁ ମଧ୍ୟ ଠିକ ଆମ ମାନଙ୍କ ପରି ଶୀତ ପ୍ରକୋପରୁ ଉପଶମ ପାଇବା ପାଇଁ ଶୀତବସ୍ତ୍ର ପିନ୍ଧିଥାନ୍ତି । ମାର୍ଗଶୀର ମାସ ଶୁକ୍ଳ ପକ୍ଷ ଓଢ଼ଣ ଷଷ୍ଠୀ ଠାରୁ ଓଢ଼ଣ ଷଷ୍ଠୀ ଯାହାକୁ କେହି କେହି ପ୍ରାବରଣ ଷଷ୍ଠୀ ମଧ୍ୟ କହିଥାନ୍ତି, ଏହି ଦିନରୁ ମହାପ୍ରଭୁଙ୍କ ଶୀତବସ୍ତ୍ର ପରିଧାନ ଆରମ୍ଭ ହୋଇଥାଏ । ଶ୍ରୀମନ୍ଦିର ଭାଷାରେ ଏହା ହେଉଛି ‘ଘୋଡ଼ଲାଗି ଉତ୍ସବ’ । ତେବେ ମହାପ୍ରଭୁଙ୍କ ବସ୍ତ୍ର ସମର୍ପଣ ପୂର୍ବରୁ ଅର୍ଥାତ୍ ପଂଚମୀ ରାତିରେ ବ୍ରାହ୍ମଣଙ୍କ ଦ୍ୱାରା ଏହି ବସ୍ତ୍ର ସମୂହର ଅଧିବାସ ହୋଇଥାଏ । ମାଦଳା ପାଞ୍ଜି ଓ ସ୍ୱତ୍ୱଲିପିର ତଥ୍ୟ ଅନୁଯାୟୀ ‘ଦ୍ୟୁତାନସ୍ତୁ’ ମନ୍ତ୍ରରେ ଶ୍ରୀବିଗ୍ରହଙ୍କୁ ଆଚ୍ଛାଦାନ କରିବାର ପରମ୍ପରା ରହିଛି । ଓଢ଼ଣ ଷଷ୍ଠୀ ଠାରୁ ମହାପ୍ରଭୁ ଗଡ଼ା ବା ସୂତାବସ୍ତ୍ର, ଖଣ୍ଡୁଆ ପାଟ, ମଖମଲ୍ଲୀ ଘୋଡ଼ ବସ୍ତ୍ର, ଶିରଆବରଣ, ମଫଲର ଓ ଟୋପର ଆଦି ପରିଧାନ କରିଥାନ୍ତି । ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରେ ଏହି ଘୋଡ଼ଲାଗି ନୀତି ଅନ୍ୟତମ । ପରମ୍ପରା ମୁତାବକ ପଂଚମୀ ତିଥିରେ ଶ୍ରୀଜୀଉଙ୍କ ବିଶେଷ ନୀତି ଭାବରେ ରାତ୍ର ଚନ୍ଦନ ଲାଗି ବଢ଼ିବା ପରେ ପତନୀ, ଘୋଡ଼, ଖଣ୍ଡୁଆ ଘୋଡ଼, ପାଗ ମଦନମୋହନ, ବିମଳା, ଶ୍ରୀଦେବୀ ଓ ଭୂଦେବୀଙ୍କ ଘୋଡ଼ ଭୋଗ ମଣ୍ଡପ ଘରେ ଅଧିବାସ କରାଯାଇଛି । ଏହା ପୂର୍ବରୁ ଭୋଗ ମଣ୍ଡପ ଘର ଧୋ ପଖାଳ ହୋଇ ଚାନ୍ଦୁଆ ବନ୍ଧା ହୋଇଥାଏ । ବଡ଼ ସିଂହାର ଭୋଗ ସରି ଶ୍ରୀଜୀଉଙ୍କ ମଇଲମ ବଢ଼ିବା ପରେ ମହାସ୍ନାନ ବଢ଼ିଥାଏ । ମାର୍ଗଶୀର ମାସର ଏହି ଓଢ଼ଣ ଷଷ୍ଠୀ ପରଠାରୁ ଫାଲଗୁନ ପୂର୍ଣ୍ଣିମା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଏକ କୌତୁହଳପ୍ରଦ ବସ୍ତ୍ର ପରିଧାନ ବ୍ୟବସ୍ଥା ରହିଛି ଯାହା ସମ୍ପର୍କରେ ଅନେକ ଜାଣିନଥିବେ । ଆମେ ଯେପରି ନିତିଦିନିଆ ପୋଷାକ ପରିଧାନ ବ୍ୟବସ୍ଥାରେ ଶୀତ କମ ଅନୁଭବ କଲା ପରଠାରୁ ହାଲକା ବସ୍ତ୍ର ପିନ୍ଧିଥାଉ ଠିକ ସେହିପରି ମହାପ୍ରଭୁଙ୍କର ମଧ୍ୟ ସ୍ୱତନ୍ତ୍ର ଏକ ବସ୍ତ୍ର ରହିଛି ଯେଉଁଥିରେ ଶ୍ରୀଜୀଉଙ୍କ ଶ୍ରୀଅଙ୍ଗ ସମ୍ପୂର୍ଣ୍ଣ ଅବସ୍ଥାରେ ଆବୃତ ହୋଇନଥାଏ । ବସନ୍ତ ପଂଚମୀ ଠାରୁ ଫଗୁ ଦଶମୀ ପର୍ଯ୍ୟନ୍ତ ପରମ୍ପରା ମୁତାବକ ଶ୍ରୀଜୀଉଙ୍କ ଏହି ବସ୍ତ୍ର ପରିଧାନ ପରମ୍ପରା ଆବହମାନ ସମୟରୁ ରହିଆସିଛି । ଶ୍ରୀମନ୍ଦିରର ସ୍ୱତ୍ୱଲିପିରେ ଏହି ଜାମା ପରିଧାନ ବ୍ୟବସ୍ଥାକୁ ଠିଆ ଘୋଡ଼ ଭାବେ ବର୍ଣ୍ଣନା କରାଯାଇଛି । ସବୁଠାରୁ ମଜାଦାର କଥା ହେଉଛି ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଅଗ୍ରଜ ପ୍ରଭୁ ବଳଭଦ୍ର ଫ୍ରକ୍ ଦିଶୁଥିବା ପରି ଜାମା ପରିଧାନ କରିଥାନ୍ତି ଓ ଦେବୀ ସୁଭଦ୍ରା ଘେର ହୋଇଥିବା କୁଂଚବସ୍ତ୍ର ପରିଧାନ କରିଥାନ୍ତି । ମହାପ୍ରଭୁଙ୍କ ସମସ୍ତ ଚଳଣି, ରୀତିନୀତି, ପୂଜା ପଦ୍ଧତି ସମ୍ପୂର୍ଣ୍ଣ ପରମ୍ପରା ଅନୁଯାୟୀ ହୋଇଥାଏ । ମହାପ୍ରଭୁଙ୍କ ଏହି ଅନନ୍ୟ ଜାମା ଓ ଶୀତବସ୍ତ୍ର ପରିଧାନ ପୂର୍ବକ ସୌନ୍ଦର୍ଯ୍ୟମୟ କାନ୍ତୀ ବାସ୍ତବିକ ଅଗଣିତ ଭକ୍ତଜନଙ୍କୁ ଦର୍ଶନ ସମୟରେ ଅହେତୁକ ଆନନ୍ଦ ଓ କୃପା ପ୍ରଦାନ କରିଥାଏ ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,*
*ସେକ୍ଟର-୬, ସିଡିଏ, କଟକ,*
*ଦୂରଭାଷ : ୯୪୩୭୨୨୫୬୮୯*

# ବର୍ଷକୁ ୫ଲକ୍ଷ ଦୁର୍ଘଟଣାରେ ୧.୮ ଲକ୍ଷ ମୃତ୍ୟୁ


ନାଟ୍ୟ ସାରଥି ଅଭୟ କୁମାର ଦାସ

ଭାରତରେ ପ୍ରତିବର୍ଷ ପ୍ରାୟ ୫ ଲକ୍ଷ ସଡ଼କ ଦୁର୍ଘଟଣା ଘଟୁଛି । ଏଥିରେ ୧ ଲକ୍ଷ ୮୦ ହଜାର ଲୋକଙ୍କ ଜୀବନ ଯାଉଛି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଅର୍ଥାତ୍ ୬୬ ପ୍ରତିଶତଙ୍କ ବୟସ ୧୮ରୁ ୩୪ ବର୍ଷ ଭିତରେ ବୋଲି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି । ନିକଟରେ ରାଜ୍ୟସଭାରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ସଡ଼କ ଭିତିଭୂମିରେ ସୁଧାର ଏବଂ ଦୃଢ଼ ଆଇନ ଅଣାଯିବା ସତ୍ୱେ ମଧ୍ୟ ସରକାର ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁସଂଖ୍ୟା ହ୍ରାସ କରିବାରେ ସମ୍ପୂର୍ଣ୍ଣ ଭାବେ ସଫଳ ହୋଇପାରି ନାହାନ୍ତି । ଗଡ଼କରୀ ଆହୁରି ମଧ୍ୟ କହିଛନ୍ତି ଯେ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ଅତ୍ୟାଧୁନିକ ଆମ୍ବୁଲାନ୍ସ ଯୋଗାଇଦେବା ଲାଗି ଯୋଜନା କରୁଛନ୍ତି । ଯାହାଫଳରେ ଦୁର୍ଘଟଣା ସ୍ଥାନରେ ୧୦ ମିନିଟ ଭିତରେ ଆମ୍ବୁଲାନ୍ସ ପହଂଚ ପାରିବ । ଆଇଆଇଏମର ଏକ ଅଧ୍ୟୟନ ରିପୋର୍ଟ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଆହତଙ୍କୁ ଯଦି ତୁରନ୍ତ ଚିକିତ୍ସା ସୁବିଧା ମିଳିପାରନ୍ତା ତେବେ ୫୦ ହଜାର ଜୀବନକୁ ବଂଚାଯାଇ ପାରନ୍ତା । ଗଡ଼କରୀ ଆହୁରି ମଧ୍ୟ କହିଛନ୍ତି ଯେ ୨୦୨୬ ସୁଦ୍ଧା ସମଗ୍ର ଦେଶରେ ସାଟେଲାଇଟ ଆଧାରିତ ଟୋଲ ବ୍ୟବସ୍ଥା ଲାଗୁ କରାଯିବ । ଏହି ଟେକ୍ନୋଲୋଜି ସାଟେଲାଇଟ ଏବଂ ଏଆଇ ଆଧାରିତ ହେବ । ଫାଷ୍ଟ୍ୟାଗ ଓ ନମ୍ବର ପ୍ଲେଟକୁ ଟେକ୍ନୋଲୋଜି ଆଧାରରେ ଟିକସ ଆପେ ଆପେ କଟିଯିବ । ସେଥିପାଇଁ ଟୋଲପ୍ଲାଜାରେ ଆଉ ଯାନବାହନକୁ ଅଟକିବାକୁ ପଡ଼ିବ ନାହିଁ । ଏହାଫଳରେ ୧୫୦୦ କୋଟିର ଇନ୍ଧନ ଖର୍ଚ୍ଚ ବଂଚିବା ସହ ୬ ହଜାର କୋଟିର ଅତିରିକ୍ତ ରାଜସ୍ୱ ସଂଗ୍ରହ ହୋଇପାରିବ । ପୂର୍ବରୁ ଗୋଟିଏ ଟୋଲପ୍ଲାଜାରେ ଗାଡ଼ିକୁ ୩-୧୦ ମିନିଟ ଅଟକିବାକୁ ପଡୁଥିଲା । ଏହି ସଂଖ୍ୟା ଶୂନ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଗଡ଼କରୀ କହିଛନ୍ତି । ନ୍ୟାସନାଲ ରୋଡ଼ ସେଫ୍ଟି ଇଣ୍ଡେକ୍ସର ତଥ୍ୟ ଅନୁଯାୟୀ ଡ୍ରାଇଭରମାନେ କ୍ରମାଗତ ଅଧିକ ସମୟ ଗାଡ଼ି ଚଳାଇ ଶୋଇବାକୁ ସମୟ ପାଉନଥିବାରୁ କ୍ଲାନ୍ତ ହୋଇଯାଉଛନ୍ତି ଏବଂ ତାହା ଭାରତରେ ଅଧିକ ରାସ୍ତା ଦୁର୍ଘଟଣା ଓ ତତଜନିତ ମୃତାହତର ସବୁଠାରୁ ବଡ଼ କାରଣ । ପ୍ରକୃତରେ ବିଶ୍ୱସ୍ତରରେ ଭାରତରେ ରାସ୍ତା ନିରାପତା ରେକର୍ଡ଼ ଅତି ଖରାପ । ଉପରୋକ୍ତ ସ୍ଥିତିରେ ଏବେ ଟ୍ରକ, ବସ ଓ ବ୍ୟବସାୟିକ ଯାନଗୁଡ଼ିକ ଲାଗି ଡ୍ରାଇଭରମାନଙ୍କ ସକାଶେ ଗାଡ଼ି ଚଳାଇବା ସମୟ ସୀମିତ କରିବାକୁ ଚିନ୍ତା କରାଯାଉଛି । ଏଥିପାଇଁ ଏକ ନୀତି ବିଚାର କରାଯାଉଛି । ବିମାନ ପାଇଲଟ ମାନଙ୍କ ପରି ଡ୍ରାଇଭରମାନେ କ୍ରମାଗତ ନିର୍ଦ୍ଧିଷ୍ଟ ସମୟ ସକାଶେ ଗାଡ଼ି ଚଳାଇବାକୁ ସ୍ଥିର କରାଯିବ । କେନ୍ଦ୍ର କ୍ୟାବିନେଟର ଅନ୍ୟତମ ଦକ୍ଷ ଓ ଉତ୍ସାହୀମନ୍ତ୍ରୀ ଭାବେ ଜଣାଶୁଣା ରାସ୍ତା ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଏ ଦିଗରେ ଆଗ୍ରହୀ । ପାଶ୍ଚାତ୍ୟ ଦେଶଗୁଡ଼ିକ ଭଳି ବ୍ୟବସାୟିକ ଯାନ ଗୁଡ଼ିକରେ ସେ ଡ୍ରାଇଭରମାନଙ୍କର ଶୋଇବା ବା ଘୁମାଇବା ଧରିବାକୁ ସେନ୍ସର ଲଗାଇବାକୁ ଚାହାଁନ୍ତି । ଅନେକ ଦେଶରେ ଡ୍ରାଇଭରମାନେ କେତେ ସମୟ କାମ କରୁଛନ୍ତି ତାହା ଜାଣିବା ପାଇଁ ଇଲେକ୍ଟ୍ରାନିକ ଲଗିଂ ବ୍ୟବସ୍ଥା ରହିଛି । ସରକାରଙ୍କ ଏହି ଯୋଜନାକୁ ସବୁ ଦିଗରୁ ସମର୍ଥନ ମିଳିବା ଦରକାର । କାରଣ ଏଥିଲାଗି ପରିବହନ ଉଦ୍ୟୋଗରେ କେବଳ ଏକ ବିଜ୍ଞପ୍ତି ବା ନିର୍ଦ୍ଦେଶନାମା କାମ ଦେବ ନାହିଁ । କରୋନା ବେଳେ ପରିବହନ କ୍ଷେତ୍ର ଯଥେଷ୍ଟ ପ୍ରଭାବିତ ହୋଇଛି । ଏବେ ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ସେହି କ୍ଷେତ୍ରରେ ଚାପକୁ ବଢ଼ାଇଛି । ଘରୋଇ ଗାଡ଼ି ବ୍ୟବସାୟୀମାନେ ଡ୍ରାଇଭରମାନଙ୍କ ପାଇଁ ସର୍ବାଧିକ ଗାଡ଼ି ଚଳାଇବା ସମୟ ନିର୍ଦ୍ଧାରଣ ନିଷ୍ପତିରେ ଖୁସ ନହୋଇପାରନ୍ତି ତଦ୍ୱାରା ସେମାନଙ୍କ ଖର୍ଚ୍ଚ ବଢ଼ିଯିବ । ଏ ଦୃଷ୍ଟିରୁ ଉପରୋକ୍ତ ପ୍ରସ୍ତାବ ଉପରେ ବାସ୍ତବବାଦୀ ଆଭିମୁଖ୍ୟ ନେବାକୁ ହେବ । ସରକାର ଓ ଶିଳ୍ପ ବ୍ୟବସାୟିକ ଉଦ୍ୟୋଗ ଏହା ଉପରେ ଖୋଲାଖୋଲି ଆଲୋଚନା କରିବା ଦରକାର । ତାପରେ ହିଁ ନିୟମାବଳୀରେ ପରିବର୍ତନ ଅଣାଗଲେ ଭଲ ହେବ । ଡ୍ରାଇଭରମାନେ କେତେ ସମୟ ଗାଡ଼ି ଚଳାଇବା ଓ ବିଶ୍ରାମ ନେବେ ସେ ସମ୍ପର୍କରେ ଆଗରୁ ବ୍ୟବସ୍ଥା ରହିଛି । ୧୯୬୧ରେ ପ୍ରଣୀତ ମଟର ପରିବହନ କର୍ମଚାରୀ ଆଇନରେ ଏହି ପ୍ରସଙ୍ଗ ଅନ୍ତର୍ଭୁକ୍ତ ଥିଲା । ଘରୋଇ ଟ୍ରକ, ବସ୍ ଓ ଟ୍ୟାକ୍ସି ଚାଳକମାନେ ଏହି ବ୍ୟବସ୍ଥାକୁ ପ୍ରାୟତଃ ମାନନ୍ତି ନାହିଁ । କିନ୍ତୁ ସରକାରୀ ଷ୍ଟାଫ ଏ ସମ୍ପର୍କରେ ନିଜର ଆପତି ଜଣାଇଛନ୍ତି । ପଞ୍ଜାବ ଓ ହରିଆନା ହାଇକୋର୍ଟ ଏ ପ୍ରସଙ୍ଗରେ କହିଛନ୍ତି ଯେ ହରିଆନାର ସରକାରୀ ବସ ଡ୍ରାଇଭରମାନେ ଦିନକୁ ୧୦ ଘଣ୍ଟାରୁ ଅଧିକ ବା ସପ୍ତାହକରେ ୪୮ ଘଣ୍ଟାରୁ ଅଧିକ ସମୟ ଗାଡ଼ି ଚଳାଇବେ ନାହିଁ ଏବଂ ଦୀର୍ଘପଥ ଅତିକ୍ରମ କରୁଥିଲେ ସେମାନଙ୍କ ପାଇଁ ଅତିରିକ୍ତ ବିଶ୍ରାମ ବ୍ୟବସ୍ଥା କରାଯିବ । ଘରୋଇ ଡ୍ରାଇଭରମାନଙ୍କ ପାଇଁ ସେହି ନିୟମ ଲାଗୁ ହେଲେ ରାସ୍ତା ନିରାପତା ବଢ଼ିବ ଓ କର୍ମଚାରୀମାନଙ୍କର କଲ୍ୟାଣ ମଧ୍ୟ ହେବ । ଜାତୀୟ ସ୍ତରରେ ଏ ଦିଗରେ ପଦକ୍ଷେପ ନିଆଯିବା ଲୋଡ଼ା । ମଟରଗାଡ଼ି ଆଇନ ସଂଶୋଧନରେ ଭାରତରେ ରାସ୍ତା ପରିହବନ ବ୍ୟବସ୍ଥାରେ ଅଧିକ ଶୃଙ୍ଖଳା ଅଣାଯିବ ବୋଲି ଆଶା କରାଯାଉଥିଲା । ନିୟମକୁ କଠୋର କରି କଡ଼ା ଦଣ୍ଡ ବ୍ୟବସ୍ଥା ଦ୍ୱାରା ହିଁ ରାସ୍ତାରେ ଭାରତୀୟମାନଙ୍କର ଆଚରଣକୁ ଶୃଙ୍ଖଳିତ କରିହେବ । ଏ ଦିଗରେ ଅଗ୍ରଗତି ମନ୍ଥର । ଟ୍ରାଫିକ ନିୟମର ଉଲ୍ଲଙ୍ଘନ ବ୍ୟତୀତ ରାସ୍ତାରେ ଗାତ ଓ ଖାଲ ମଧ୍ୟ ଦୁର୍ଘଟଣାର ଅନ୍ୟତମ କାରଣ । ଭାରତରେ ଅସଂଖ୍ୟ ଗଳିରାସ୍ତା ରହିଛି । ରାସ୍ତାଗୁଡ଼ିକରେ ଟ୍ରାଫିକ ସିଗନାଲ କ୍ୱଚିତ କାମ କରୁଛି ବା ନାହିଁ । ସମଗ୍ର ରାସ୍ତା ବ୍ୟବସ୍ଥାରେ ଏ ଦିଗ ଗୁଡ଼ିକୁ ମଧ୍ୟ ଦୃଷ୍ଟି ଦିଆଯିବା ଦରକାର । ଭାରତର ରାସ୍ତା ତଥା ଭାରତୀୟ ଗାଡ଼ିଚାଳକମାନେ ହେଉଛନ୍ତି ପୃଥିବୀର ସବୁଠାରୁ ବିପଜ୍ଜନକ । ଏହି ସ୍ଥିତିରେ ପରିବର୍ତନ ଆଣିବା ଲାଗି ଦରକାର ଚାଳକମାନଙ୍କ ସାବଧାନତା, ଭଲ ସଡ଼କ ଉପଯୋଗୀ ଗାଡ଼ିର ଚଳାଚଳ ଏବଂ ଖିଲାପିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ । ଭାରତର ଲାଇଫ୍ ଲାଇନ କୁହାଯାଉଥିବା ସଡ଼କ ପଥ ଗୁଡ଼ିକ ସଂପ୍ରତି ଅସୁରକ୍ଷିତ ହୋଇପଡ଼ିଲାଣି କହିଲେ ଅତ୍ୟୁକ୍ତି ହେବନାହିଁ । ଅଧିକାଂଶ ସଡ଼କ ବର୍ତମାନ ସୁଦ୍ଧା ଖାଲ ଖମାରେ ଭର୍ତି, ଦୁଇପଟେ ଘର ଉଠୁଥିବାରୁ ଅନେକ ସଡ଼କପଥର କଡ଼ ଅଂଶ ଜବର ଦଖଲ ହୋଇଥାଏ ଯାହାଦ୍ୱାରା ରାସ୍ତାରେ ଗମନା ଗମନ ସଙ୍କୁଚିତ ହେବାକୁପଡ଼େ । ସେହିପରି ସରକାରୀ ଆଇନକାନୁନ୍ ଓ ପରିବହନ ସଂକ୍ରାନ୍ତୀୟ ଜ୍ଞାନ ନଥାଇ ଅନେକ ଗାଡ଼ି ଚାଳକଙ୍କ ନିଜ ଷ୍ଟାଇଲରେ ଗାଡ଼ି ଚଲାଇବାଦ୍ୱାରା ଉଦ୍‌ବେଗଜନକ ଦୁର୍ଘଟଣା ବଢ଼ିଥାଏ । ମଦ୍ୟପାନ ବା ନିଶାସେବନ କରି ଗାଡ଼ି ଚଳାଉଥିବା ଚାଳକଙ୍କ ସଂଖ୍ୟା ଦିନକୁ ଦିନ ଉଦ୍‌ବେଗଜନକ ଭାବରେ ବଢ଼ିବାରେ ଲାଗିଛି । ସଡ଼କଟି ପାଦ ଚଲା ଲୋକଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଲାଣି । ମୋବାଇଲ ଫୋନରେ ଗପିବାର ବ୍ୟସ୍ତ ରହି ଅନେକ ପଥଚାରୀ ସହଜେ ଦୁର୍ଘଟଣାର ଶିକାର ହୋଇଥାନ୍ତି । ଉତମ ଗମନାଗମନର ସୁଯୋଗ ତଥା ଲୋକମାନଙ୍କ ଭିତରେ ସମ୍ପର୍କର ଦୂରତ୍ୱକୁ କମାଇବା ପାଇଁ ସରକାର ସଡ଼କ ଯୋଗାଯୋଗ ବ୍ୟବସ୍ଥାକୁ ପ୍ରାଥମିକତା ଦେଇ ଏହାର ତମାମ ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି । ତେବେ ଏସବୁ ଭିତରେ ସଚେତନତା ବଢ଼ାଇବା ଆମ ମାନଙ୍କର ପ୍ରମୁଖ କର୍ତବ୍ୟ । ତେବେ ଏ କ୍ଷେତ୍ରରେ ସମସ୍ତଙ୍କ ସହଯୋଗ ଓ ସମର୍ଥନ ଓ ସଚେତନତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କେବଳ ସରକାର ଓ ପ୍ରଶାସନ ଉପରେ ଦାୟିତ୍ୱ ନ୍ୟସ୍ତ କରିଦେଲେ ହେବନାହିଁ ।

*ଗୋତରା, ମାହାଙ୍ଗା, କଟକ*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ



## ଗୁହାଳପୁରରୁ ବାଲି ଚୋରା ଚାଲାଣ

କୋଣାର୍କ, (ପି.ଏନ): କୋଣାର୍କ ଥାନା ଅନ୍ତର୍ଗତ ବାଲିଦୋକାନ ନିକଟସ୍ଥ ଅବଦାନ ପଂଚାୟତ ଗୁହାଳପୁର ଗ୍ରାମରୁ ନିୟମିତ ବାଲି ଚୋରା ଚାଲାଣ ହେଉଥିବା ନେଇ ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି । ବିଜେଡ଼ି ନେତାଙ୍କ ପାଖ ଲୋକ କହୁଥିବା ଗ୍ରାମର ଜୈନିକ କୁଜି ନେତା ଗ୍ରାମବାସୀଙ୍କୁ ଭୟଭୀତ କରାଇ ନିଜ ଟ୍ରାକ୍ଟ ଟ୍ରାକ୍ଟର ମାଧ୍ୟମରେ ସରକାରୀ ଜମିରୁ ଜମିରୁ ବାଲି ଚୋରା ଚୋରା ଚାଲାଣ କରୁ କରୁଥିବା ନେଇ ସୂଚନା ମିଳିଛି । ବିଶେଷକରି ଦୈନିକ ସକାଳ ଓ ସନ୍ଧ୍ୟା ସମୟ ସହ ଛୁଟି ଦିନ ଗୁଡ଼ିକରେ ଲଗାତାର ବାଲି ଚୋରା ଚାଲାଣ ହେଉଛି । ସବୁ ଜାଣି ସ୍ଥାନୀୟ ପୋଲିସ୍ , ତହସିଲ ପ୍ରଶାସନ ଓ ଜିଲ୍ଲା ଖଣିଜ ଅଧିକାରୀ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହାଁନ୍ତି । ବାଲି ଚୋରା ଚାଲାଣ ସହ ବହୁ ମୂଲ୍ୟବାନ ଗଛ ମଧ୍ୟ ନଷ୍ଟ ହେଉଥିବା ଦେଖିବାକୁ ମିଳିଛି । ଏଥି ସହିତ ଗ୍ରାମର ଅନ୍ୟ ୪ଜଣ ବାଲି ମାଫିଆ ଓ ଟ୍ରାକ୍ଟର ଗାଡି ଯୋଗୁଁ ଗ୍ରାମରେ ପଂଚାୟତ ସମିତି ପକ୍ଷରୁ ନିର୍ମାଣ ହୋଇଥିବା ୨୦ ଲକ୍ଷ ଟଙ୍କାର ଉର୍ଦ୍ଧ୍ୱ ମୂଲ୍ୟର କଂକ୍ରିଟ ରାସ୍ତା ମଧ୍ୟ ନଷ୍ଟ ହୋଇ ଗଲାଣି । ତା ସହିତ ଏକ କିମିର ଗ୍ରାମ୍ୟ ଉନ୍ନୟନ ବିଭାଗ ପିଚୁ ସଡ଼କ ମଧ୍ୟ ନଷ୍ଟ ହେଇ ଗଲାଣି । ବାରମ୍ବାର ଅଭିଯୋଗ ଓ ଖବର ପ୍ରକାଶ ପରେ ମଧ୍ୟ ପ୍ରଶାସନ ଭିତିରି ସଲା ସୁତୁରା କରୁଥିବା ଯୋଗୁଁ ବାଲି ମାଫିଆ ଓ ଦଲାଲ୍ ମାନେ ଦୈନିକ ବାଲି ଚୋରା ଚାଲାଣ କରୁଛନ୍ତି । ଏନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି

## ଦଶପୁର ଫାଣ୍ଡି ଅଧିକାରୀଙ୍କ ସଚେତନତା ବାର୍ତ୍ତା



ଗୋଲାମୁଣ୍ଡା: (ପି ଏନ):ଗୋଲାମୁଣ୍ଡା ବ୍ଲକରେ ଚୋରୀ, ଡ଼କାୟତି ତଥା ବ୍ୟାଙ୍କ କାରବାର, ବିଲ ପେମେଂଟ, ଏଲ୍ ଆଇ ସି ତଥା ଅନ୍ୟାନ୍ୟ ଟଙ୍କା କାରବାର ଠକାମୀର ଶିକାର ନ ହେବା ପାଇଁ ପୋଲିସ ତରଫରୁ ଏକ ସଚେତନତା ବାର୍ତ୍ତା ଘୋଷଣା କରାଯାଇଛି । ଗତ କିଛି ଦିନ ତଳେ ଜଣେ ବୃଦ୍ଧ ଲୋକଙ୍କର ୧୫୦୦୦ରୁ ଉର୍ଦ୍ଧ୍ୱ ଟଙ୍କା ଥିବାରୁ ବିଲ ପେମେଂଟର କାଟିବା ପାଇଁ ୨୫୦୦ ଟଙ୍କା ଇଲେକ୍ଟ୍ରିବିଲ ବାନ୍ଧି ଦେବି , ତମ ଇଲେକ୍ଟ୍ରି ବିଲ ସବୁ କଟିଯିବ ବୋଲି ପ୍ରହୋସନ ଦେଖାଇ ଫୋନ କଲ୍ ମାଧ୍ୟମରେ ଟଙ୍କା ଲୋଟି ନେଇଥିଲା, ତାହା ଦଶପୁ ଫାଣ୍ଡି ଅଧିକାରୀ ଚ଼ନ୍ଦ୍ର ହାସ୍ୟ ସାହୁଙ୍କୁ ଜଣାଇବାକୁ ତାଙ୍କ ପରିଶ୍ରମ ଫଳରେ ସେ ବୃଦ୍ଧ ଲୋକଙ୍କର ଟଙ୍କା ଫେରସ୍ତ ପାଇଥିଲା । ଯାହା ଫଳରେ ଫାଣ୍ଡି ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ଏହା ଦୃଷ୍ଟିରେ ରଖି ଦଶପୁ ଫାଣ୍ଡି ଅଧିକାରୀ ଏବଂ ଗୋଲାମୁଣ୍ଡା ପୋଲିସ ବିଭାଗର ତରଫରୁ ଗୋଲାମୁଣ୍ଡା ବାସୀଙ୍କୁ ଘୋଷଣା କରାଯାଉଛି ଯେ ନିଜର ବ୍ୟାଙ୍କ କାରବାର, ଏଲଆଇସି ଟଙ୍କା ଡେପୁଜିଟ, ଇଲେକ୍ଟ୍ରୀ ବିଲ ପୈଠ ତଥା ଅନ୍ୟାନ୍ୟ ଟଙ୍କା କାରବାର ପାଇଁ ଫୋନ କଲ୍ ମାଧ୍ୟମରେ ଜମା କରିବା କହିଲେ ବିନା ଯାଂଚରେ ଟଙ୍କା ଦିଅନ୍ତୁ ନାହିଁ, ନ ହେଲେ ଆପଣ ଫ୍ରଡର ଶିକାର ହୋଇ ନିଜେ ଅପଦସ୍ତ ହେବେ । ତେଣୁ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି ଯେ, ଆପଣ ଟଙ୍କା କାରବାର ପାଇଁ ନିର୍ଦ୍ଧିଷ୍ଟ କାର୍ଯ୍ୟରତ ଅଧିକାରୀ କିମ୍ବା ଅଫିସକୁ ଯାଇ କଥାବାର୍ତ୍ତା ହୋଇ ଜମା କରନ୍ତୁ, ଏବଂ ତୁରନ୍ତ ରସିଦ ଗ୍ରହଣ କରନ୍ତୁ ।

## କାଲିମେଲା ଠାରେ ଗଞ୍ଜାମ ସୁରକ୍ଷା ସମିତିର ୨ୟ ବାର୍ଷିକୀ ଉତ୍ସବ ଅନୁଷ୍ଠିତ



ମାଲକାନଗିରି,(ପି.ଏନ): ମାଲକାନଗିରି ଜିଲ୍ଲା ସ୍ଥିତ କାଲିମେଲା ଠାରେ ଗଞ୍ଜାମ ସୁରକ୍ଷା ସମିତି ଆନୁକୁଲ୍ୟରେ ୨ୟ ବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଉତ୍କଳ ସାହିତ୍ୟ ସଂସଦ ସଭାପତି ତଥା ସମାଜସେବୀ କେଶବ ଚ଼ନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ସୁଧିର ସ୍ୱାଇଁ, ନରେନ୍ଦ୍ର ପ୍ରଧାନ,ଇ. ଭେଙ୍କଟ ରାଓ ଯୋଗଦେଇଥିଲେ । ରତ୍ନାକର ପାଣିଗ୍ରାହୀ ମଂଚ ପରିଚ଼ାଳନା କରି ଗଞ୍ଜାମ ସୁରକ୍ଷା ସମିତିର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି କେଶବ ଚ଼ନ୍ଦ୍ର ନାୟକ କହିଲେ ଯେ ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ସମାଜରେ ବଂଚିବାକୁ ହେଲେ ସଂଗଠନ ଆବଶ୍ୟକତା ରହିଛି । ସଂଗଠନ ଦ୍ୱାରା ସମାଜ ସେବା ସମ୍ଭବପର ହୋଇଥାଏ । ପରସ୍ପର ସୁଖ ଦୁଃଖ ବିପଦ ଆପଦର ସହଯୋଗ ଓ ସାହାଯ୍ୟର ମାଧ୍ୟମ ହୋଇ ବିଭିନ୍ନ କ୍ଷେତ୍ରରେ ବିକାଶ ମାର୍ଗ ଉନ୍ମୁକ୍ତ ହୋଇ ଥାଏ । ଏଣୁ ସଂଗଠନ ବିନା ବିକାଶ ଅସମ୍ଭବ ବୋଲି ସେ ମତ ବିନ୍ୟାସ କରିଥିଲେ । ଆମେ କାଲିମେଲା ଠାରେ ସଂଗଠିତ ଗଞ୍ଜାମ ସୁରକ୍ଷା ସମିତିର କର୍ମକର୍ତ୍ତାମାନଙ୍କୁ ଅଶେଷ ଧନ୍ୟବାଦ ଅର୍ପଣ କରୁଛୁ । କେବଳ ଯେ ଗଞ୍ଜାମ ସୁରକ୍ଷା ସମିତି ମାଲକାନଗିରି ଜିଲ୍ଲାରେ ଗଠନ କଲେ ହେବନି । ମାଲକାନଗିରି ଜିଲ୍ଲା ବିଭିନ୍ନ ଜିଲ୍ଲାରୁ ଓଡ଼ିଆ ଲୋକମାନେ ସ୍ଥାୟୀ ଭାବରେ ବସବାସ କରୁଛନ୍ତି । ଏଣୁ ସମସ୍ତ ଜିଲ୍ଲା ଓଡିଆ ଭାଇମାନଙ୍କୁ ଏକତ୍ରିତ କରି ଓଡ଼ିଆ ସମାଜ ଗଠନ କରିବାର ଆବଶ୍ୟକତା ରହିଛି । ସେ ମଧୁବାବୁଙ୍କ ଆଦର୍ଶ ଉତ୍କଳ ସମ୍ମିଳନୀ ସମ୍ପର୍କରେ ଐତିହାସିକ ତଥ୍ୟକୁ ଉପସ୍ଥାପନ କରି ସମସ୍ତଙ୍କୁ ବୁଝାଇ ଥିଲେ । ଏଣୁ ମାଲକାନଗିରି ଜିଲ୍ଲାରେ ଥିବା ବ୍ଲକ, ଏନଏସି ଏବଂ ପୌରାଂଚଳକୁ ନେଇ ତୃଣମୂଳ ସ୍ତରରେ ସଂଗଠନ କରିବାକୁ ସେ ଆହ୍ୱାନ ଦେଇଥିଲେ ।ଯଥା ଶୀଘ୍ର କାଲିମେଲା ଓ ପଡ଼ିଆ ବ୍ଲକରେ ଓଡ଼ିଆ ସମାଜ ଗଠନ କରିବାକୁ ଶ୍ରୀ ନାୟକ ପରାମର୍ଶ ଦେଇଥିଲେ । ବ୍ଲକ ସ୍ତରୀୟ ସଂଗଠନ ପରେ ଜିଲ୍ଲା ସ୍ତରରେ ଏହି ସଂଗଠନ ଗଠିତ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି ସଂଗଠନ ଓଡ଼ିଆ ଲୋକମାନଙ୍କ ଓଡ଼ିଆ ଭାଷା,କଳା, ସାହିତ୍ୟ,ସଂସ୍କୃତି,ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜସେବା ଦିଗରେ କାର୍ଯ୍ୟ କରିବ ବୋଲି ପ୍ରକାଶ କରିଥିଲେ । ଏହାକୁ ଗଞ୍ଜାମ ସୁରକ୍ଷା ସମିତିର କର୍ମକର୍ତ୍ତାମାନେ ସମର୍ଥନ କରି କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସମସ୍ତେ ସମ୍ମତି ପ୍ରଦାନ କରିଥିଲେ । ଶେଷରେ ଇ. ଭେଙ୍କଟ ରାଓ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ର ନୂଆ ଫଣ୍ଡ ପ୍ରୁ ସେକ୍ଟର ଲିଡର୍ସ ଇଣ୍ଡେକ୍ସ ଫଣ୍ଡ୍

ଭୁବନେଶ୍ୱର,(ପି.ଏନ): ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସ କମ୍ପାନୀ ଲିମିଟେଡ ପକ୍ଷରୁ ଲିଙ୍କ୍ଡ ଇନ୍ସୁରାନ୍ସ ପ୍ଲାନ୍ (ୟୁଲିପ୍) ଅଧିନରେ ଏକ ନୂଆ ଫଣ୍ଡ, ଆଇସିଆଇସିଆଇ ପ୍ରୁ ସେକ୍ଟର ଲିଡର୍ସ ଇଣ୍ଡେକ୍ସ ଫଣ୍ଡ ଶୁଭାରମ୍ଭ କରାଯାଇଛି । ଏହି ଫଣ୍ଡ ଗ୍ରାହକଙ୍କୁ ଭାରତୀୟ ଅର୍ଥନୀତିର ୨୦ ରୁ ଅଧିକ ପ୍ରମୁଖ କ୍ଷେତ୍ରରେ ଅଗ୍ରଣୀ କମ୍ପାନୀଗୁଡିକ ପାଇଁ ଏକ୍ସପୋଜର ପ୍ରଦାନକରି ଏକ ରେଡିମେଡ୍ ଇକ୍ୱିଟି ପୋର୍ଟଫୋଲିଓ ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖିଛି । ଏହି ଶୁଭାରମ୍ଭ ଅବସରରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସ କମ୍ପାନୀ ଲିମିଟେଡର ମୁଖ୍ୟ ନିବେଶ ଅଧିକାରୀ, ମନିଷ କୁମାର କହିଛନ୍ତି, 'ଆଇସିଆଇସିଆଇ ପ୍ରୁଡେନ୍ସିଆଲ ସେକ୍ଟର ଲିଡର୍ସ ଇଣ୍ଡେକ୍ସ ଫଣ୍ଡ୍ ନିବେଶକଙ୍କୁ ଭାରତର ଦୀର୍ଘକାଳିନ ଅଭିବୃଦ୍ଧି କ୍ଷମତାର ବ୍ୟବହାରକରି ସମ୍ପତି ସୃଷ୍ଟି କରିବା ପାଇଁ ଏକ ସରଳ ଓ ପ୍ରଭାବଶାଳୀ ମାଧ୍ୟମ ଦେଉଛି । ଏହି ଫଣ୍ଡ ଏକ ଏକକ, ନିୟମ-ଭିତିକ ପୋର୍ଟଫୋଲିଓରେ ୨୦ ରୁ ଅଧିକ କ୍ଷେତ୍ରରୁ ପ୍ରମାଣିତ ବଜାର ଲିଡରମାନଙ୍କୁ ଏକତ୍ରିତ କରି ବିଭିନ୍ନ କ୍ଷେତ୍ରରେ ନେତୃତ୍ୱକୁ ପରିଭାଷିତ କରୁଥିବା କମ୍ପାନୀଗୁଡିକରେ ନିବେଶ କରିବ । ଏକ ଇଣ୍ଡେକ୍ସ ଫଣ୍ଡ ଷ୍ଟକ ଚୟନର ଜଟିଳତାକୁ ଦୂର କରିଥାଏ ଏବଂ ଅର୍ଥନୀତିର ସବୁଠାରୁ ପ୍ରଭାବଶାଳୀ ବ୍ୟବସାୟଗୁଡିକ ପାଇଁ ବିବିଧ ଏକ୍ସପୋଜର ଦେଇଥାଏ । ଇକ୍ୱିଟି ନିବେଶରେ ଏକ ସରଳ, ନିୟମ-ଆଧାରିତ ପଦ୍ଧତି ଚାହୁଁଥିବା ନିବେଶକଙ୍କ ପାଇଁ ଡିଜାଇନ କରାଯାଇଥିବା ଏହି ଫଣ୍ଡ ସ୍ୱାଧୀନ ଷ୍ଟକଗୁଡିକୁ ଚୟନ କରିବାର ଆବଶ୍ୟକତା ବିନା ବଜାର ଅଗ୍ରଣୀ କମ୍ପାନୀଗୁଡିକରେ ଅଂଶଗ୍ରହଣକୁ ସକ୍ଷମ କରିଥାଏ । ଏହା ଏକ ନିଷ୍କ୍ରିୟ ନିବେଶ ରଣନୀତି ପସନ୍ଦ କରୁଥିବା ନିବେଶକଙ୍କ ପାଇଁ ଉପଯୁକ୍ତ ଅଟେ, ଯିଏ ବ୍ୟାପକ କ୍ଷେତ୍ର ବିବିଧକରଣ ଓ ପ୍ରତିଷ୍ଠିତ ମାର୍କେଟ ଲିଡରଙ୍କ ପ୍ରତି ଆକର୍ଷଣ ସହିତ ଦୀର୍ଘାବଧି ପାଇଁ ମୂଳ ଇକ୍ୱିଟି ଆବଂଟନ ଗଠନ କରିବାକୁ ଚାହାନ୍ତି । ଆଇସିଆଇସିଆଇ ପ୍ରୁ ସେକ୍ଟର ଲିଡର୍ସ ଇଣ୍ଡେକ୍ସ ଫଣ୍ଡ ହେଉଛି ଏକ ନିଷ୍କ୍ରିୟ, ଇଣ୍ଡେକ୍ସ-ଆଧାରିତ ଉତ୍ପାଦ ଯାହା ବିଏସ୍‌ଇ ଇଣ୍ଡିଆ ସେକ୍ଟର ଲିଡର୍ସ ଇଣ୍ଡେକ୍ସକୁ ଟ୍ରାକ କରିଥାଏ । ନିୟମଗୁଡିକ ଏହି ଫଣ୍ଡକୁ ସମୟ ସମୟରେ ଇଣ୍ଡେକ୍ସରେ ଥିବା ନିଜ କ୍ଷମତା ସହ ସମନ୍ୱୟରେ ସମସ୍ତ ଷ୍ଟକ୍ରେ ନିବେଶ କରିବାରୁ ପ୍ରତିବନ୍ଧିତ କରିପାରେ । ଏହାର ଫଳସ୍ୱରୂପ ସେଠାରେ ଏକ ସମ୍ଭାବ୍ୟ ଟ୍ରାକିଙ୍ଗ ତ୍ରୁଟି ଦେଖାଦେଇପାରେ । ଏହି ଇଣ୍ଡେକ୍ସ ଫଣ୍ଡ ଅଧିନରେ ପାଇବାକୁ ଥିବା ଲାଭାଂଶକୁ ପୁନଃନିବେଶ କରାଯିବ, ଯାହା ସମୟକ୍ରମେ ଦୀର୍ଘାବଧିରେ ଗ୍ରାହକଙ୍କ ଫଣ୍ଡ ମୂଲ୍ୟ ବୃଦ୍ଧି କରିବାରେ ସାହାଯ୍ୟ କରିବ । ଏହି ଫଣ୍ଡ ଶୁଭାରମ୍ଭ କମ୍ପାନୀର ରୌପ୍ୟ ଜୟନ୍ତୀ ପାଳନର ସଦ୍ୟତମ ସଫଳତା ସହ ଜଡିତ ରହିଛି । ଏହି ନୂଆ ଫଣ୍ଡ ବର୍ତମାନ ନିବେଶ ପାଇଁ ଖୋଲା ରହିଛି ।

## ବରିଷ୍ଠ ନାଗରିକ ଫୋରମ ତରଫରୁ ଭିନକ୍ଷମମାନଙ୍କୁ ମାଗଣା ତିନି ଚ଼କିଆ ସାଇକେଲ ଓ ଶ୍ରବଣ ଯନ୍ତ୍ର ବଂଟନ

ଜଗତସିଂହପୁର ,(ପି ଏନ): ସ୍ଥାନୀୟ ରୁପଶ୍ରୀ ମଣ୍ଡପ, ଠାକୁରପାଟଣା ଠାରେ ଜ଼ିଲ୍ଲା ବରିଷ୍ଠ ନାଗରିକ ଫୋରମ ତରଫରୁ ଭିନ୍ନକ୍ଷମ ମାନଙ୍କୁ ମାଗଣା ତିନି ଚ଼କିଆ ସାଇକେଲ ଓ ଶ୍ରବଣ ଯନ୍ତ୍ର ବଂଟନ କରାଯାଇଛି । ବହୁ ହିତାଧିକାରୀ ଏହି ଶିବିର ଦ୍ୱାରା ଉପକୃତ ହୋଇଛନ୍ତି । ଏହି ବଂଟନ ସମୟରେ ଫୋରମ ସଭାପତି ମଧୁସୂଦନ ସାହୁ, ନାଟ୍ୟକାର କୈଳାସ ମଲ୍ଲିକ, ଶିକ୍ଷାବିତ ସୁଭାଷ ଚ଼ନ୍ଦ୍ର ରାଉତ, ସମ୍ପାଦକ ହିତେଶ ମହାନ୍ତି, ଦିପ୍ତୀ ଦାସ, ଲିଙ୍ଗରାଜ ଲେଙ୍କା,ପଂଚାନନପଲେଇ, ପ୍ରମୋଦ ସାହୁ ,ବୈକୁଣ୍ଠ ଚ଼ରଣ ମହାପାତ୍ର, ଦେବୀ ପ୍ରସନ୍ନ ମହାନ୍ତି ,ବିଜୟ ନାୟକ, ଦିଲ୍ଲୀପ କୁମାର ଗୋଛାୟତ, ଅଜୟ କୁମାର ବାରିକ, ଅଶୋକ କୁମାର ସାହୁ ଓ ଶତ୍ରୁଘନ ବେହେରା ପ୍ରମୁଖ ବହୁ ସ୍ଥାନୀୟ ଜନ ସାଧାରଣ ଉପସ୍ଥିତ ଥିଲେ । ପ୍ରକାଶ ଥାଉ କି ଏହି ସମସ୍ତ ଉପକରଣ ପାଇ ହିତାଧିକାରୀ ପରିବାରରେ ଖୁସିର ଲହରୀ ଖେଳି ଯାଇଛି ବୋଲି ସଭାପତି ଶ୍ରୀ ସାହୁ ଜଣାଇଆଛନ୍ତି !

## ଆଦିଦେବ ଏଂଟରଟେନମେଂଟ ପକ୍ଷରୁ ପରୀ, ରାଜକୁମାରୀ ଓ ଶ୍ରୀମତୀ ପ୍ରତିଯୋଗିତା ପାଇଁ ଚ଼ୟନ ପ୍ରକ୍ରିୟା ଅନୁଷ୍ଠିତ



ପାରାଦୀପ,(ପି.ଏନ): ପାରାଦୀପ ର ଅଗ୍ରଣୀ ସାଂସ୍କୃତିକ ସଂଗଠନ ଆଦିଦେବ ଏଂଟରଟେନମେଂଟର ପ୍ରଥମ ମେଗା ସୌନ୍ଦର୍ଯ୍ୟ ପ୍ରତିଯୋଗିତା ପାଇଁ ପାରାଦୀପ ପୋର୍ଟ କ୍ଲବ ଠାରେ ରବିବାର ଦିନ ଏକ ଚ଼ୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି କ୍ଷ ଏଥିରେ ପାରାଦୀପ ସମେତ ଆଖପାଖ ଜିଲ୍ଲା କେନ୍ଦ୍ରାପଡ଼ା, ଯାଜପୁର ଓ ବିଭିନ୍ନ ଜିଲ୍ଲାର ପ୍ରତିଯୋଗୀ ମାନେ ଭାଗନେଇ ନିଜ ନିଜର କଳାର ପ୍ରଦର୍ଶନ କରିଥିଲେ କ୍ଷ ଏହି ପ୍ରତିଯୋଗିତାରେ ପାରାଦୀପ ପରି, ପାରାଦୀପ ରାଜକୁମାରୀ ଓ ପାରାଦୀପ ଶ୍ରୀମତୀ ତିନିଗୋଟି ବିଭାଗ ର ଅଡିସନ ଶେଷ ହୋଇଛି କ୍ଷ ପାରାଦୀପ ଅଂଚଳର କଳା, ସାହିତ୍ୟ, ନୃତ୍ୟ କ୍ଷେତ୍ରରେ ଲୁକାୟିତ ପ୍ରତିଭା ମାନଙ୍କୁ ଲୋକଲୋଚ଼ନ କୁ ଆଣିବା ସହିତ ଏହି ପ୍ରତିଭା ମାନେ କିପରି ରାଜ୍ୟ ଓ ଦେଶରେ ସୁନାମ ଅର୍ଜନ କରିବେ ଏହା ଆଦିଦେବ ଏଂଟରଟେନମେଂଟ ର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଛନ୍ତି ଆଦିଦେବ ର ମୁଖ୍ୟ ପରିଚ଼ାଳିକା ଡ଼ ବନ୍ଦିତା ପଟ୍ଟନାୟକ କ୍ଷ ଆଜିର ଏହି ମେଗା ଇଭେଂଟର ଅଡିସନ କାର୍ଯ୍ୟକ୍ରମରେ ଓଡିଶାର ସୁନାମଧନ୍ୟ ମଡେଲ, କୋରିଓଗ୍ରାଫର ସାହିଲ ରାଜ,ରନି କୁମାର ଙ୍କ ସହିତ ବନ୍ଦିତା ପଟ୍ଟନାୟକ ବିଚ଼ାରକ ଦାୟିତ୍ୱ ନିର୍ବାହ କରିଥିଲେ କ୍ଷ ପାରାଦୀପ ରେ ପ୍ରଥମ ଥର ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ବେଳେ ଏତେ ସଂଖ୍ୟକ ପ୍ରତିଯୋଗି ମାନଙ୍କ ଉପସ୍ଥାନ ଏହି କାର୍ଯ୍ୟକ୍ରମ ସୁଦୂରପ୍ରସାର ହେବ ବୋଲି ଆଶା କରାଯାଏ । ଆଦିଦେବ ଇଂଟରଟେନମେଂଟ ଆଣ୍ଡ ଇଭେଂଟ ତରଫରୁ ଏହି ଅଡିସନ କାର୍ଯ୍ୟକ୍ରମକୁ ଆଦିଦେବ ପରିବାର ର ଅଧକ୍ଷା ଡ଼ ବନ୍ଦିତା ଶୁଭଦର୍ଶିନୀ ପଟ୍ଟନାୟକ,ଶଶାଙ୍କ ଶେଖର ଆଚ଼ାର୍ଯ୍ୟ, ରବୀନ୍ଦ୍ର ଜେନା, ଏସ ଚ଼ନ୍ଦ୍ରକାନ୍ତ,ବିରଜା ପ୍ରସାଦ ତ୍ରିପାଠୀ, ସୁଧାଂଶୁ ନାୟକ, ସନ୍ତୋଷ ଭାରତୀ,ମୁରଲୀଧର ବେହେରା, ରତ୍ନାକର ସ୍ୱାଇଁ ପ୍ରମୁଖ ସଫଳତାର ସହ ପରିଚ଼ାଳନା କରିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray